### ରବି ଧାନକିଣାକୁ ନେଇ ହଟିଲା ସଂଶୟ

# ୧୫ ଦିନିଆ ଚାଷୀ ପଞ୍ଜୀକରଣ ଆରମ୍ଭ

ସମ୍ବଲପୁର, ୧୦।୩ (ସମିସ)



ସମ୍ବଲପୁର ଜିଲ୍ଲାରେ ଖରିଫ୍ ୨୦୨୫-୨୬ ଧାନକ୍ରୟ ଏପର୍ଯ୍ୟନ୍ତ ସରିନାହିଁ। ସରକାରଙ୍କ ପକ୍ଷରୁ କୌଣସି ସ୍ୱଷ୍ଟ ନୀତି ନଦର୍ଶାଇବା ଫଳରେ ଚାଷୀମାନେ ଦ୍ୱନ୍ଦରେ ପଡ଼ିଛନ୍ତି। ଖଳା ମାନଙ୍କରେ କ୍ୱିଣ୍ଟାଲ କ୍ୱିଣ୍ଟାଲ ଧାନ ପଡ଼ି ରହିଛି। ଜଗି ବସିଛନ୍ତି ଚାଷୀ। କେଉଁଠି ଟୋକନ ସମସ୍ୟା ତ କେଉଁଠି ମିଲର୍ ଧାନ ନ ଉଠାଇବା ସମସ୍ୟା। ପଞ୍ଜିକରଣ ଅନୁଯାୟୀ ସରକାର ସମସ୍ତ ଧାନ କିଣି ନଥିବାବେଳେ ବଳକା ଧାନକୁ ନେଇ ଚାଷୀ ଅଭାବୀ ବିକ୍ରିର ଶିକାର ହେଉଛି। ଅନ୍ୟପକ୍ଷରେ ରବି ଧାନ ଚାଷ ପ୍ରକ୍ରିୟା ଆରମ୍ଭ ହୋଇ ରୁଆ ଓ ବେଉଷଣ ସରିଥିଲା। ଏପରିସ୍ଥଳେ ଧାନ କ୍ରୟକୁ ନେଇ ଚାଷୀମାନେ ଆଶା ଆଶଙ୍କାରେ ରହିଥିଲେ। ଶେଷରେ ଯୋଗାଣ ବିଭାଗ ପକ୍ଷରୁ ମାର୍ଚ୍ଚ ୧୦ ତାରିଖରୁ ଚାଷୀ ପଞ୍ଜିକରଣ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାକୁ ନେଇ ଚାଷୀ ମହଲରେ ଆଶ୍ୱସ୍ତି ପ୍ରକାଶ ପାଇଛି।

ଡିସେମ୍ବର ପ୍ରଥମ ସପ୍ତାହରୁ ଜିଲ୍ଲାରେ ରବି ଧାନଚାଷ ଆରମ୍ଭ ହୋଇଯାଇଛି। ଏବେ ପହ୍ଲା ରୁଆ ସରିବାପରେ ଦ୍ୱିତୀୟ ପର୍ଯ୍ୟାୟ ସାର ଦେବା ଆରମ୍ଭ ହେଲାଣି। ଏପ୍ରିଲ ମଧ୍ୟଭାଗ ସୁଦ୍ଧା ଅମଳ ହେବ। ପ୍ରତିବର୍ଷ ସମ୍ବଲପୁର ଜିଲ୍ଲାରେ ପ୍ରାୟ ୧୫ ହଜାରରୁ

- ମେ ୧ରୁ ଜୁନ ୩୦ ରବିଧାନ ସଂଗ୍ରହ
- ୩୨ ପାକ୍ସ/ଲ୍ୟାମ୍ପସ୍ ଏବଂ ୪ ମହିଳା ଏସ୍‌ଏଚ୍‌ଜି ସାମିଲ
- ଚାଷୀ ପିଛା କେତେ ଧାନ କିଣିବେ ସ୍ୱଷ୍ଟ କରନ୍ତୁ - ଚାଷୀ ସଙ୍ଗଠନ

ଉଦ୍ଧ୍ୱର୍ ଚାଷୀ ରବିଋତୁରେ ସରକାରଙ୍କୁ ଧାନ ବିକ୍ରୟ କରିଥାନ୍ତି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପତ୍ରସଂଖ୍ୟା ୩୯୪୩ ତା. ୫-୩-୨୦୨୬ ଜରିଆରେ ରାଜ୍ୟର ୨୦ଟି ଜିଲ୍ଲାର ଜିଲ୍ଲାପାଳଙ୍କୁ ମାର୍ଚ୍ଚ ୧୦ ରୁ ୨୪ ତାରିଖ ପର୍ଯ୍ୟନ୍ତ ଚାଷୀ ପଞ୍ଜିକରଣ କରିବାକୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହି ପତ୍ର ଅନୁଯାୟୀ ରବି ଧାନସଂଗ୍ରହ ମେ ୧ ତାରିଖରୁ ଆରମ୍ଭ ହୋଇ ଜୁନ ୩୦ ତାରିଖ ପର୍ଯ୍ୟନ୍ତ ଦୁଇମାସ ଚାଲିବ। ସରକାରଙ୍କ ପକ୍ଷରୁ ପ୍ୟାକ୍ସ / ଲ୍ୟାମ୍ପସ୍ / ମହିଳାଏସ୍‌ଲଚ୍‌ଜି / ପାଣିପଞ୍ଚାୟତ ଜରିଆରେ ଚାଷୀଠାରୁ ରବି ଧାନ କ୍ୱିଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ୨୩୬୯ ଟଙ୍କା ଧାର୍ଯ୍ୟ କରାଯାଇଥିବାବେଳେ "କୃଷକ ସମୃଦ୍ଧି ଯୋଜନା' ଅନ୍ତର୍ଗତ ଚାଷୀଙ୍କୁ ଅତିରିକ୍ତ ୭୩୧ ଟଙ୍କା ଇନପୁଟ୍ ସହାୟତା ପ୍ରଦାନ କରାଯିବ ବୋଲି ଉଲ୍ଲେଖ କରାଯାଇଛି।

ଚଳିତ ରବି ଧାନକ୍ରୟ-୨୦୨୬ରେ ସମ୍ବଲପୁର ଜିଲ୍ଲାର ୩୨ଟି ପ୍ୟାକ୍ସ / ଲ୍ୟାମ୍ପସ୍ ଏବଂ ୪ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଡବ୍ଲ୍ୟୁ-ଏସ୍‌ଏଚ୍‌ଜି) ସାମିଲ ହେବେ। ଉଲ୍ଲେଖଯୋଗ୍ୟ ଯେ, ଜିଲ୍ଲାରେ ରବି ଧାନସଂଗ୍ରହ ୨୦୨୪-୨୫ରେ ଜିଲ୍ଲାର ୧୬୬୫୮ ଜଣ ଚାଷୀ ୧୪୧୮୧୧୭.୬୧ କ୍ୱିଣ୍ଟାଲ ଧାନ ବିକ୍ରୟ କରିଥିଲେ।

ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ସଭାପତି ବ୍ୟୋମକେଶ ଠାକୁର କହିଛନ୍ତି, ରବି ଧାନ କିଣିବାକୁ ନେଇ ସରକାର ସ୍ଥିତି ସ୍ୱଷ୍ଟ କରିଥିବାରୁ ତାହାକୁ ସ୍ୱାଗତ କରୁଛୁ। ପଞ୍ଜିକରଣ ଅବଧିକୁ ୧୫ ଦିନରୁ ଅଧିକ ବୃଦ୍ଧି କରିବା ଆବଶ୍ୟକ। ସରକାର କେତେ କ୍ୱିଣ୍ଟାଲ ଧାନ କିଣିବେ ତାହା ପଞ୍ଜିକରଣ ସମୟରେ ସ୍ୱଷ୍ଟ କଲେ ଚାଷୀମାନେ ଉପକୃତ ହେବେ। ଗତ ଖରିଫ୍ ଧାନକିଣା ସମୟରେ ଧାନର ପରିମାଣକୁ ନେଇ ବାରମ୍ବାର ମତ ବଦଳାଇବା ପରେ ଏବେ ବି ବଳକା ଧାନ ଖଳାରେ ପଡ଼ି ରହିଛି। ଏଣୁ ପ୍ରତି ଚାଷୀଙ୍କଠାରୁ କେତେ କ୍ୱିଣ୍ଟାଲ ଧାନ ୩୧୦୦ ଟଙ୍କାରେ କିଣିବେ ଏବଂ ଆଉ ବଳକା ଧାନ କିଣିବେ କି ନାହିଁ ତାହା ଶୀଘ୍ର ସ୍ୱଷ୍ଟ ଭାବେ କହିଦେଲେ ଚାଷୀମାନେ ଏହାକୁ ନେଇ ମାନସିକ ଭାବେ ପ୍ରସ୍ତୁତ ହୋଇପାରିବେ ବୋଲି ଶ୍ରୀ ଠାକୁର ମତବ୍ୟକ୍ତ କରିଛନ୍ତି।

ହୀରାକୁଦ କମାଣ୍ଡ ଏରିଆର ଚାଷୀ ଉମେଶ ଚନ୍ଦ୍ର ମିଶ୍ରଙ୍କ ଅନୁଯାୟୀ, ଚାଷୀମାନେ ରବି ଧାନ ପ୍ରକ୍ରିୟାରେ ବହୁ ଆଗକୁ ଆଗେଇ ଗଲେଣି। ରୁଆ ଓ ବେଉଷଣ ସରି ଧାନ ଗଛ ଉଧେଇଲାଣି। ଖରିଫ୍‌ରେ ଚାଷୀ ପଞ୍ଜିକରଣ ଅନୁଯାୟୀ ଏବେ ଯାଏ ଚାଷୀମାନେ ଧାନ ବିକ୍ରୟ କରିପାରି ନାହାନ୍ତି, ଆଶାରେ ରହିଛନ୍ତି। ସରକାର କେତେ ଧାନ କିଣିବେ ତାହା ସାଧାରଣତଃ ଡିଏଲ୍‌ପିସିରେ ନିଷ୍ପତ୍ତି ହୋଇଥାଏ। ଏବେ ଯେହେତୁ ସବୁକିଛି ଭୁବନେଶ୍ୱରରେ ସ୍ଥିର କରାଯାଉଛି, ପ୍ରାରମ୍ଭରୁ ହିଁ ରବି ଧାନ ଚାଷୀ ପଞ୍ଜିକରଣ ସମୟରେ ସରକାର ଚାଷୀପିଛା କେତେ ଧାନ କିଣିବେ ତାହା ଘୋଷଣା କରିଦେଲେ ଭଲ ହେବ। ଏହାଦ୍ୱାରା ଚାଷୀ ସନ୍ଦେହ ଓ ଦ୍ୱନ୍ଦ୍ୱରୁ ମୁକ୍ତ ହୋଇପାରିବ ବୋଲି ସେ କହିଛନ୍ତି।

## ୧୪ରେ ସାଧୁସନ୍ଥ ସମାବେଶ



ସମ୍ବଲପୁର, ୧୦।୩ (ସମିସ) : ସମ୍ବଲପୁର ଉପକଣ୍ଠସ୍ଥ ସିନ୍ଦୁରପଙ୍କ କେନଘାଟିସ୍ଥିତ ଶ୍ରୀରାମ ବାଟିକାରେ ଆସନ୍ତା ୧୩ ତାରିଖରୁ ଅଖଣ୍ଡ ଚବିଶ ପ୍ରହରୀ ନାମ ଯଜ୍ଞ ଆୟୋଜିତ ହେଉଛି। ଦୀର୍ଘ ୭୨ ଘଣ୍ଟା ଧରି ଅନୁଷ୍ଠିତ ହେବାକୁ ଥିବା ଏହି ନାମଯଜ୍ଞରେ ଓଡ଼ିଶା ଓ ଓଡ଼ିଶା ବାହାରର ପ୍ରାୟ ୩୫ରୁ ଊର୍ଦ୍ଧ୍ୱ ସଙ୍କୀର୍ତ୍ତନ ମଣ୍ଡଳୀ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ସମାଜସେବୀ ସିଦ୍ଧାର୍ଥ ସାହା ସୂଚନା ଦେଇଛନ୍ତି। ହୋଟେଲ ଡଲଫିନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସାହା କହିଛନ୍ତି ଯେ, ନାମ ଯଜ୍ଞରେ ସାରା ଭାରତବର୍ଷରୁ ପ୍ରାୟ ଦୁଇଶହ ସାଧୁସନ୍ଥ, ନାଗା ବାବା, ମହନ୍ତ, ପିଠାଧିପତି, ମହାମଣ୍ଡଳେଶ୍ୱର ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ସାଧୁସନ୍ଥମାନେ ଶ୍ରୀରାମ ବାଟିକାରେ ନିର୍ମିତ ନିଜ ନିଜ ଆଶ୍ରମରେ ଦୀର୍ଘ ଚାରିଦିନ ଧରି ବିରାଜମାନ କରିବେ। ସମସ୍ତ ସାଧୁସନ୍ଥ ଓ ମହନ୍ତ ମାନେ ୧୪ ତାରିଖରେ ସମଲେଶ୍ୱରୀ ଦର୍ଶନ କରିବାସହ ଏକ ବିରାଟ ଶୋଭାଯାତ୍ରାରେ ସହର ପରିକ୍ରମା କରିବେ। ଏହି ଶୋଭାଯାତ୍ରା ସମଲେଶ୍ୱରୀ ମନ୍ଦିରରୁ ବାହାରି କୁଞ୍ଜେଲପଡ଼ା, ଝାଡ଼ୁଆପଡା ଦେଇ ଦଲେଇପଡ଼ା ଛକସ୍ଥିତ ପଞ୍ଚମୁଖୀ ହନୁମାନ ମନ୍ଦିର ପର୍ଯ୍ୟନ୍ତ ଯିବ। ଏହି ସମୟରେ ଶ୍ରଦ୍ଧାଳୁ ମାନେ ନିଜ ଘରେ ରହି ଏକକାଳୀନ ଶହ ଶହ ସାଧୁସନ୍ଥଙ୍କୁ ଦର୍ଶନ କରିବାର ସୌଭାଗ୍ୟ ଅର୍ଜନ କରିପାରିବେ। ସେହିଦିନ ସନ୍ଧ୍ୟାରେ ଶ୍ରୀରାମ ବାଟିକା ରେ ଅଂଶଗ୍ରହଣ କରିଥିବା ସାଧୁ ଓ ସନ୍ଥ ମାନଙ୍କ ବିଶେଷ ସେବା କରାଯିବ, ଶ୍ରଦ୍ଧାଳୁ ଭକ୍ତମାନେ ବ୍ୟକ୍ତିଗତ ଭାବେ ସାଧୁସନ୍ଥ ମାନଙ୍କ ସେବା କରିବାର ସୌଭାଗ୍ୟ ଅର୍ଜନ କରିପାରିବେ। ୧୫ ତାରିଖରେ ଗୁରୁ ନାମ ଏବଂ ୧୬ ତାରିଖରେ ଯଜ୍ଞର ପୂର୍ଣ୍ଣାହୁତି ପ୍ରଦାନସହ ନଗର କୀର୍ତ୍ତନ ଅନୁଷ୍ଠିତ ହେବ। ଦିଲ୍ଲୀର ମହାମଣ୍ଡଳେଶ୍ୱର ଶ୍ରୀ ଶ୍ରୀ ଏକ ହଜାର ଆଠ ନୱଲ କିଶୋର ଦାସ ଜି ମହାରାଜ, ଅର୍ନ୍ତରାଷ୍ଟ୍ରୀୟ ରାମ କଥା ପ୍ରଚାର ଖାଲସା ଯୋଗ ଦେବା ସହ ପଶ୍ଚିମ ଓଡ଼ିଶା ବୈଷ୍ଣବ ମହାସଂଘ ଅଧକ୍ଷ ମହନ୍ତ ଶ୍ରୀ ହୃଷୀକେଶ ଦାସ ଜି ମହାରାଜ, ମଠପାଲି ରାଣୀମଠ ମହନ୍ତ ଶ୍ରୀ ବାସୁଦେବ ଜି ମହାରାଜ, ଶ୍ରୀକ୍ଷେତ୍ର ଚାନ୍ଦପୁର ମଠ ମହନ୍ତ ଶ୍ରୀ ରାଧାଚରଣ ଜି ମହାରାଜ, ମହନ୍ତ ସେକ୍ରେଟାରୀ ନାଗା ବାବା ଶ୍ରୀ ରଘୁବୀର ଦାସ ମହାରାଜ, ମଧ୍ୟପ୍ରଦେଶ ଛତରପୁର ନାଗାବାବା ରାଜେଶ ପୁରୀ ଜି, ଚମ୍ବଲ ପିଠାଧିସ୍ୱର ଶ୍ରୀ ସୁନ୍ଦର ଦାସ ଜି ମହାରାଜ ପ୍ରମୁଖ ଯୋଗଦେବେ ବୋଲି ଶ୍ରୀ ସାହା ସୂଚନା ଦେଇଥିଲେ। "ବିଶ୍ୱ ଶାନ୍ତି ଓ ଜଗତ କଲ୍ୟାଣ' ଉଦ୍ଦେଶ୍ୟରେ ଆୟୋଜିତ ଏହି ଅଖଣ୍ଡ ନାମ ଯଜ୍ଞରେ ନିଜକୁ ସାମିଲ କରାଇ ଭଗବତ ସାନ୍ନିଧ ଲାଭ କରିବାକୁ ସେ ନିବେଦନ କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଆୟୋଜକ କମିଟି ସଦସ୍ୟ ବିଶ୍ୱରଞ୍ଜନ ପୂଜାରୀ, ମଧୁସୂଦନ କେଡ଼ିଆ, ବବି ଆରୋରା ପ୍ରମୁଖ ଉପସ୍ଥିତ ଥିଲେ।

### ରାଜ୍ୟସ୍ତରୀୟ ନାଟକ ଉତ୍ସବ 'ରଙ୍ଗ ସଙ୍ଗମ'

## ଦ୍ୱିତୀୟ ଦିବସରେ ଦର୍ଶକଙ୍କୁ କନ୍ଦାଇଲା 'ସ୍ୱୟଂବର'

ସମ୍ବଲପୁର, ୧୦।୩ (ସମିସ) : ଯେଉଁଦିନ ଅଗ୍ନିକୁ ସାକ୍ଷୀ ରଖି ବାପା ବିବାହ ଦେଲେ, ସେହିଦିନ ନୂଆ ଜୀବନଟିଏ ଆରମ୍ଭ କରିଥିଲା 'ଜାଈ'। ମାତ୍ର ଯୌତୁକ ଲାଗି ତାକୁ ମାରି ଦିଆଗଲା। ଗରିବ ବାପା ତା'ର ବଞ୍ଚିବା ଲାଗି ଆବଶ୍ୟକୀୟ ଅର୍ଥ ଯୋଗାଡ଼ କରିପାରିଲାନି। ଚୁପ୍ ରହିଲା ପୋଲିସ, ଚୁପ୍ ରହିଲା କୋର୍ଟ। ଆଇନ କାନୁନ, ପୋଥି ବିଜ୍ଞାନ ଭିତରେ ମଣିଷଟେ ବଞ୍ଚିପାରେନା। ଏଇମିତି କାହାଣୀ ଆମ ସମାଜରେ ନିତିଦିନ ଘଟି ଚାଲିଛି। ସମସ୍ତେ ମିଶି ସଂଗ୍ରାମ କରିବାକୁ ପଡ଼ିବ, ସେହିଦିନ ପର୍ଯ୍ୟନ୍ତ, ଯେଉଁଦିନ ଆଉ 'ଜାଈ'ମାନେ ଅତ୍ୟାଚାରିତ ହୋଇ ମରିବେନି। ଏଭଳି ଏକ ସମ୍ବେଦନଶୀଳ କାହାଣୀକୁ ନେଇ ଗତି କରିଛି ନାଟକ 'ସ୍ୱୟଂବର'ର କାହାଣୀ। ନାଟକର ରଚନା ଶଙ୍କର ତ୍ରିପାଠୀ କରିଥିବାବେଳେ ନିର୍ଦ୍ଦେଶନା ଦେଇଛନ୍ତି ନାଟ୍ୟକାର ଲକ୍ଷ୍ମୀଧର ପୂଜାପଣ୍ଡା। ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ଆଜି ଦ୍ୱିତୀୟ ସନ୍ଧ୍ୟାରେ ଶ୍ରୀକ୍ଷେତ୍ର ନାଟ୍ୟଶାଳା, ପୁରୀର କଳାକାରମାନେ ନାଟ୍ୟକାର ଲକ୍ଷ୍ମୀଧର ପୂଜାପଣ୍ଡାଙ୍କ ନିର୍ଦ୍ଦେଶନାରେ ନାଟକ 'ସ୍ୱୟଂବର' ପରିବେଷଣ କରିଥିଲେ। ଜିଲ୍ଲା ପ୍ରେକ୍ଷାଳୟ 'ତପସ୍ୱିନୀ'ରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ



ଏକାଡେମୀ ପକ୍ଷରୁ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ପରିଷଦ, ସମ୍ବଲପୁର ସହଯୋଗରେ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ 'ରଙ୍ଗ ସଙ୍ଗମ' ସୋମବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ସନ୍ଧ୍ୟାରେ କ-ଖ-ଗ, ସମ୍ବଲପୁରର କାଳାକାରମାନେ ନାଟ୍ୟକାର ବ୍ରଜେନ୍ଦ୍ର ନାୟକଙ୍କ ନିର୍ଦ୍ଦେଶିତ ସମ୍ବଲପୁରୀ ନାଟକ 'ଅନନ୍ୟ' ମଞ୍ଚସ୍ଥ ହୋଇଥିଲା। ନାଟକ 'ଅନନ୍ୟ'ର କଥାବସ୍ତୁ ଏକ ଭିନ୍ନ ସ୍ୱାଦର ରହିଥିଲା। 'ବାସ୍ତବବାଦ' ଆଗରେ ଆଜି ମଳିନ ପଡ଼ିଯାଇଛି 'ଆଦର୍ଶବାଦ'। ଭାଷା, ସାହିତ୍ୟର କଥା କେବଳ ଭାଷଣ ଓ ଉପଦେଶ ମଧ୍ୟରେ ସୀମିତ ହୋଇ ରହିଯାଇଛି। ବସ୍ତୁ, ବଜାର, ଅହଂକାର କବଳରେ ଆଜି ମାତୃଭାଷା ଓ ସଂସ୍କୃତି। ନାଟ୍ୟକାର ଏହାର ନିଷ୍ପତ୍ତି ଛାଡ଼ି ଦେଇଛନ୍ତି ସମାଜ ଉପରେ-'ଆଦର୍ଶ'ର ବିଲୟ ଘଟିବ ନା' ଏବେ ବି ରହିଯାଇଛି ଆଉ କିଛି ସମ୍ଭାବନା? ଉଦ୍‌ଘାଟନୀ ଉତ୍ସବରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସାଧାରଣ ପରିଷଦ ସଦସ୍ୟ ପ୍ରଦୀପ ପଣ୍ଡାଙ୍କ ପରିଚାଳନା ଏବଂ ନାଟ୍ୟ ନିର୍ଦ୍ଦେଶକ ସତ୍ୟରଞ୍ଜନ ବେହେରାଙ୍କ ସଂଯୋଜନାରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା ମୁଖ୍ୟଅତିଥି ଏବଂ ଡ. ଦ୍ୱାରିକାନାଥ ନାୟକ, ପ୍ରଫେସର କାଳିଦାସ ମିଶ୍ର, ଇତିହାସ ଗବେଷକ ଓ ସାମ୍ବାଦିକ ଦୀପକ ପଣ୍ଡା, ଜିଲ୍ଲା ସଂସ୍କୃତି ଅଧିକାରୀ ଅମୃତଲାଲ ବେହେରା ଏବଂ ନାଟ୍ୟ ନିର୍ଦ୍ଦେଶକ ରାଜୀବ ପାଣି ଅତିଥିଭାବେ ଯୋଗ ଦେଇଥିଲେ। ଏହି ନାଟକ ଉତ୍ସବ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ।

## ଜାତୀୟ ସଂହତି ଶିବିରରେ ସାଇବର ସଚେତନତା

ସମ୍ବଲପୁର, ୧୦।୩ (ସମିସ) : ସମ୍ବଲପୁର ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟରେ ଉଚ୍ଚଶିକ୍ଷା ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରାୟୋଜିତ, ସାତଦିନିଆ ଜାତୀୟ ସଂହତି ଶିବିରର ଆଜି ତୃତୀୟ ଦିବସରେ ସାଇବର ସଚେତନତା ଉପରେ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଥାନା ଅଧିକାରୀ ସୁବ୍ରତ ପାଣିଗ୍ରାହୀ ଦେଶର ୧୨ଟି ବିଭିନ୍ନ ରାଜ୍ୟରୁ ଆସିଥିବା ୨୨୦ଜଣ ସ୍ୱେଚ୍ଛାସେବୀ ଏବଂ ସଂଯୋଜକ ମାନଙ୍କୁ ସାଇବର ସୁରକ୍ଷା ଉପରେ



ଶିକ୍ଷା ଦେଇଥିଲେ। ଆଜିର ଏହି ସାଇବର ସଚେତନତା କାର୍ଯ୍ୟକ୍ରମକୁ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ସଂଯୋଜକ ଡକ୍ଟର ବିରେନ୍ଦ୍ର ବେହେରା ସଂଯୋଜନା କରିଥିଲେ। ସୂଚନାଯୋଗ୍ୟ ଯେ, ଏହି ଜାତୀୟ ସଂହତି ଶିବିରରେ ବିହାର, ହରିୟାଣା, ତେଲେଙ୍ଗାନା, ଉତ୍ତରପ୍ରଦେଶ, ଆସାମ, ଝାଡ଼ଖଣ୍ଡ, ଗୁଜୁରାଟ, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ, ଛତିଶଗଡ, କର୍ଣ୍ଣାଟକ ସହ ସମ୍ବଲପୁର ବିଶ୍ୱବିଦ୍ୟାଳୟର ସ୍ୱେଚ୍ଛାସେବୀ ଓ କାର୍ଯ୍ୟକ୍ରମ ଅଧିକାରୀମାନେ ଯୋଗ ଦେଇଛନ୍ତି।

## ୩୧ ସୁଦ୍ଧା ଜିଲ୍ଲା କ୍ରୀଡ଼ା ସଂଘ ପୁନଃପଞ୍ଜୀକରଣ

ସମ୍ବଲପୁର, ୧୦।୩ (ସମିସ) : ଜିଲ୍ଲା କ୍ରୀଡ଼ା ସଂଘ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତି ଜରିଆରେ କ୍ରୀଡ଼ା ସଂଘ ଅନୁବନ୍ଧିତ ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନ, କ୍ରୀଡ଼ାନୁଷ୍ଠାନମାନେ ପୁନଃପଞ୍ଜିକରଣ କରିବାକୁ ଅନୁରୋଧ କରାଯାଇଛି। ଏଥିଅନୁଯାୟୀ, ଆସନ୍ତା ୨୦୨୬-୨୦୨୭ ବର୍ଷ ନିମନ୍ତେ ଅନୁଷ୍ଠାନଗୁଡିକ ଆସନ୍ତା ୩୧ ତାରିଖ ସୁଦ୍ଧା ତାଙ୍କର ଧାର୍ଯ୍ୟ ପୁନଃ ପଞ୍ଜିକରଣ ଦେୟ (୨୦ ଟଙ୍କା) ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମସ୍ଥିତ ଜିଲ୍ଲା କ୍ରୀଡ଼ା ସଂଘ କାର୍ଯ୍ୟାଳୟରେ ଦାଖଲ କରିବାକୁ କ୍ରୀଡ଼ା ସଂଘର ସାଧାରଣ ସମ୍ପାଦକ ସୁନୀଲ କୁମାର ସାହୁ ଜଣାଇଛନ୍ତି। ଏହି ମର୍ମରେ ପଞ୍ଜିକରଣ ଫର୍ମ ଜିଲ୍ଲା କ୍ରୀଡା ସଂଘ କାର୍ଯ୍ୟାଳୟରେ ଉପଲବ୍ଧ ହେବ। ଅନୁଷ୍ଠାନଗୁଡିକ ପଞ୍ଜିକରଣ ଫର୍ମ କ୍ରୀଡ଼ା ସଂଘ କାର୍ଯ୍ୟାଳୟରୁ ସଂଗ୍ରହ କରି ନେବା ନିମନ୍ତେ ଶ୍ରୀ ସାହୁ ଅନୁରୋଧ କରିଛନ୍ତି। ପୁନଃ ପଞ୍ଜିକରଣ ନିମନ୍ତେ ଶେଷ ତାରିଖ ମାର୍ଚ୍ଚ ୩୧ ତାରିଖ ରହିଛି। ଏନେଇ ଅଧିକ ତଥ୍ୟ ଜାଣିବା ନିମନ୍ତେ ଜିଲ୍ଲା କ୍ରୀଡ଼ା ସଂଘର କୋଷାଧକ୍ଷ ଉମାପତି ତ୍ରିପାଠୀ (୯୯୩୮୨୫୬୧୬୩)ଙ୍କୁ ଯୋଗାଯୋଗ କରିପାରିବେ।

## 'ଉତ୍ସର୍ଗ'ରେ ଶୋକସଭା

ସମ୍ବଲପୁର, ୧୦।୩ (ସମିସ) : ଅଗ୍ରଣୀ ଅନୁଷ୍ଠାନ 'ଉତ୍ସର୍ଗ'ର ସଂଯୋଜକ ପ୍ରଶାନ୍ତ କୁମାର ପାଟ୍ଟଯୋଶୀଙ୍କ ସଭାପତିତ୍ୱରେ ବିଶିଷ୍ଟ ଡାକ୍ତର ତଥା ସମାଜସେବୀ ଡାକ୍ତର ନାରାୟଣୀ ପଣ୍ଡା ଏବଂ ପ୍ରାକ୍ତନ ପ୍ରଶାସକ ବିପିନ ପଟ୍ଟନାୟକଙ୍କ ବିୟୋଗରେ ଆଜି ସନ୍ଧ୍ୟାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି।

ପ୍ରାରମ୍ଭରେ ଦିବଂଗତ ଆତ୍ମାର ସଦ୍‌ଗତି ପାଇଁ ଦୁଇମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ଉପସ୍ଥିତ ସଦସ୍ୟମାନେ ଡାକ୍ତର ପଣ୍ଡା ଓ ବିପିନ ପଟ୍ଟନାୟକଙ୍କ ସ୍ମୃତିଚାରଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଡାକ୍ତର ପଣ୍ଡାଙ୍କ ନିଃସ୍ୱାର୍ଥପର ସମାଜସେବା ସହ ରୋଗୀସେବା ଓ ଶିକ୍ଷା ତଥା ସ୍ୱାସ୍ଥ୍ୟକ୍ଷେତ୍ରରେ ଉନ୍ନତି ପାଇଁ ତାଙ୍କର ସର୍ବସ୍ୱ ଦାନ କରିଥିଲେ। ଶେଷରେ ମୃତ୍ୟୁପରେ ତାଙ୍କର ଚକ୍ଷୁ ଦୁଇଟିକୁ ଦାନ କରି ସମସ୍ତଙ୍କ ନିକଟରେ ଅମର ହୋଇରହିବେ। ବିପିନ ପଟ୍ଟନାୟକ ଜଣେ ସରଳ, ଅମାୟିକ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ। ସେ 'ଉତ୍ସର୍ଗ'ର ଜଣେ ଶୁଭେଚ୍ଛୁ ଥିଲେ। ଏପରି ନିଃସ୍ୱାର୍ଥପର ତ୍ୟାଗପୂତ ବ୍ୟକ୍ତିତ୍ୱ ପରବର୍ତ୍ତୀ ପିଢ଼ି ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ମତପୋଷଣ କରିଥିଲେ। କାର୍ଯ୍ୟକ୍ରମରେ ଉମାଶଙ୍କର ଯୋଷୀ, ମହେନ୍ଦ୍ର ମିଶ୍ର, ଶିବ ନାରାୟଣ ପାଣିଗ୍ରାହୀ, ପ୍ରଣବାନନ୍ଦ ଦାନୀ, ଲାଲମୋହନ ପଟ୍ଟନାୟକ, ଅଶୋକ କୁମାର ପାଣିଗ୍ରାହୀ, ବିଶ୍ୱରଞ୍ଜନ ସାହୁ, ପ୍ରଫୁଲ୍ଲ ହୋତା, ଦୁର୍ଗାମାଧବ ମିଶ୍ର, ରାଜେନ୍ଦ୍ର କୁମାର ମିଶ୍ର, ସନତ ବେହେରା, ନରେଶ ନାଗ, ପ୍ରବୀଣ କୁମାର ଦୀକ୍ଷିତ, ଗଙ୍ଗଦେବ ବରର୍ତ୍ତୀ, ଅରୁଣ ମିଶ୍ର, ସଞ୍ଜୁଲତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟକୁ ଡାକ୍ତର ନାରାୟଣୀ ପଣ୍ଡାଙ୍କ ନାମରେ ନାମିତ କରିବାକୁ ପ୍ରସ୍ତାବ ପାରିତ ହୋଇଥିଲା।

## ମହିଳା ମହାବିଦ୍ୟାଳୟ ଓ ରାସ୍ତାକୁ ଡାକ୍ତର ନାରାୟଣୀ ପଣ୍ଡାଙ୍କ ନାମରେ ନାମିତ ଦାବି

ସମ୍ବଲପୁର, ୧୦।୩ (ସମିସ) : ହୀରାଖଣ୍ଡ ନାଗରିକ ପରିଷଦ ପକ୍ଷରୁ ଏକ ସ୍ୱତନ୍ତ୍ର ବୈଠକରେ ଡାକ୍ତର ନାରାୟଣୀ ପଣ୍ଡା ଓ ବିପିନ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ବକ୍ତାମାନେ ଡାକ୍ତର ପଣ୍ଡାଙ୍କ ସ୍ମୃତିଚାରଣ କରି କହିଚନ୍ତି ଯେ, ସେ ଜଣେ ନାରୀ ନଥିଲେ ସେ ଥିଲେ ସାକ୍ଷାତ ନାରାୟଣୀ। ଲୋକଙ୍କ ସେବା ପାଇଁ ସେ ସରକାରୀ ଚାକିରୀ ଛାଡ଼ି ଜନାର୍ଦ୍ଦନ ପୂଜାରୀ ମେଟରନିଟି ହୋମ୍‌ରେ ଯୋଗଦାନ କରିଥିଲେ। ସମ୍ବଲପୁରରେ ସେତେବେଳେ ମାତୃ ମୃତ୍ୟୁହାର ଓ ଶିଶୁ ମୃତ୍ୟୁହାର ଚରମ ସୀମାରେ ଥିବାବେଳେ ଅହରହ ଉଦ୍ୟମ କରି ତାହାକୁ କମ୍ କରି ପାରିଥିଲେ। ଘରେ ଘରେ ହେଉଥିବା ପ୍ରସବକୁ ତାଙ୍କ ଉଦ୍ୟମରେ ଡାକ୍ତରଖାନା ଅଭିମୁଖୀ କରାଯିବା ଫଳରେ ଉପରୋକ୍ତ ହାରରେ ହ୍ରାସ ହୋଇଥିଲା। ପୁରି ସେ ନିଜ ଉପାର୍ଜିତ ଧନକୁ ଗରିବ, ମେଧାବୀ ମାନଙ୍କ ସକାଶେ ଶିକ୍ଷାନୁଷ୍ଠାନ ମାନଙ୍କୁ ଦାନକରି ମହାନତା ଦେଖାଇଛନ୍ତି। ଏପରିକି ନିଜ ବାସଗୃହ ସେ ଛାତ୍ରୀମାନଙ୍କ ସକାଶେ ଦାନ କର ଦେଇଥିଲେ। ହୀରାଖଣ୍ଡ ନାଗରିକ ପରିଷଦ ପକ୍ଷରୁ ସରକାରୀ ମହିଳା ମହାବିଦ୍ୟାଳୟକୁ ଡାକ୍ତର ନାରାୟଣୀ ପଣ୍ଡାଙ୍କ ନାମରେ ନାମିତ କରିବାସହ ମହାବିଦ୍ୟାଳୟ ସମ୍ମୁଖ ରାସ୍ତାକୁ ମଧ୍ୟ ତାଙ୍କ ନାମିତ କରିବାକୁ ଦାବି କରିଛି। ନନ୍ଦକିଶୋର ଦେବତାଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ସମ୍ପାଦକ ସୀତାଂଶୁ ତ୍ରିପାଠୀ ସ୍ମୃତିଚାରଣ କରିଥିଲେ। ସଭ୍ୟସଭ୍ୟା ଡ. ନିଳେନ୍ଦ୍ରୀ ପଣ୍ଡା, ଡ. ଲକ୍ଷ୍ମୀ ନାରାୟଣ ରଥ, ଡ. ଧନେଶ୍ୱର ମେହେର, ରତ୍ନଭୂଷଣ ପୁରୁଷେଠ, ପ୍ରଫୁଲ୍ଲ ହୋତା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଶେଷରେ ସୀତାଂଶୁ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପ୍ରାରମ୍ଭରେ ଦିବଂଗତ ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟି ନୀରବ ପ୍ରାର୍ଥନା କରାଯାଇଥିଲା।

## ପବିତ୍ର ଦାସଙ୍କ ପରଲୋକ

ସମ୍ବଲପୁର, ୧୦।୩ (ସମିସ) : ସମ୍ବଲପୁର ଇନ୍ଦିରା କଲୋନୀ ମାୟାବଗିଚାନିବାସୀ ବିଶିଷ୍ଟ ସମାଜସେବୀ ପବିତ୍ର ଦାସ (୬୫)ଙ୍କ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ପରିବାର ଓ ସମ୍ପର୍କୀୟ ଉପସ୍ଥିତ ଥିଲେ। ସେ ଏକାଧାରରେ ଜଣେ ବିଶିଷ୍ଟ ଠିକାଦାର, ସମାଜସେବୀ, ପରୋପକାରୀ ଓ



ଧର୍ମପ୍ରାଣ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ସମ୍ବଲପୁର ତଥା ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମରଶରୀର ସମ୍ବଲପୁରରେ ପହଞ୍ଚିବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ରାଜଘାଟରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁଅ ସୁରଜ ମୁଖାଗ୍ନି ଦେଇଥିଲେ।

## ଅଙ୍ଗନବାଡି କର୍ମୀ ଓ ସହାୟିକାଙ୍କ ପକ୍ଷରୁ ସିଡିପିଓଙ୍କୁ ଦାବିପତ୍ର

ସମ୍ବଲପୁର, ୧୦।୩ (ସମିସ) : ପଶ୍ଚିମ ଓଡ଼ିଶା ଅଙ୍ଗନବାଡି କର୍ମୀ ଓ ସହାୟିକା ସଂଘର ନେତୃତ୍ୱରେ ସମ୍ବଲପୁର ଜିଲ୍ଲାର କୁଚିଣ୍ଡା, ମାନେଶ୍ୱର, ରେଢ଼ାଖୋଲ, ଯୁଯୋମୁରା, ଜମନକିରା, ବାମରା ଓ ରେଙ୍ଗାଲି ବ୍ଲକରେ ଅଙ୍ଗନବାଡି କର୍ମୀ ଓ ସହାୟିକାମାନେ ସିଡିପିଓଙ୍କ ଜରିଆରେ କେନ୍ଦ୍ର ଓ ରାଜ୍ୟ ସରକାର ତଥା ପ୍ରଶାସନିକ ଅଧିକାରୀ ମାନଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ସଂଘ ପକ୍ଷରୁ ଅଙ୍ଗନବାଡି କର୍ମୀଙ୍କୁ ସରକାରୀ ମାନ୍ୟତା ଦେବା, ସମାନ କାମକୁ ସମାନ ଦରମା ପ୍ରଦାନ, ଶ୍ରମିକ ମାନ୍ୟତା ଦେବା, ଶ୍ରମ ସମ୍ମିଳନୀର ନିଷ୍ପତ୍ତି ଅନୁଯାୟୀ ୨୬ ହଜାର ଟଙ୍କା ଦରମା ପ୍ରଦାନ, ଶ୍ରମ କୋଡ୍ ଆଇନ୍ ଅନୁଯାୟୀ ସାମାଜିକ ସୁରକ୍ଷା ଯୋଜନାରେ ସାମିଲ କରିବା, ୧୦୦% ପଦୋନ୍ନତି



ବ୍ୟବସ୍ଥା, ଉନ୍ନତ ମାନର ମୋବାଇଲ୍ ଫୋନ୍ ପ୍ରଦାନ, ଏସ୍‌ଏନ୍‌ପି ଦର ସଂଶୋଧନ କରିବା ଓ ଅଣ୍ଡାର ମୂଲ୍ୟ ବଜାର ଦର ଅନୁସାରେ ଦେବା ଦାବି କରାଯାଇଛି। ଏହାସହିତ ସର୍ବନିମ୍ନ ୧୦ ହଜାର ଟଙ୍କା ପେନସନ୍, ଅବସର ସମୟରେ ୧୦ ଲକ୍ଷ ଟଙ୍କା ବେନିଫିଟ୍, ଅତିରିକ୍ତ କାର୍ଯ୍ୟ ବନ୍ଦ କରିବା, ବର୍ଷକୁ ୪୦ଦିନ ଛୁଟି ପ୍ରଦାନ, କର୍ମୀଙ୍କ ଦରମା ପ୍ରଦାନରେ ହେଉଥିବା ଅନିୟମିତତା ବନ୍ଦ କରିବା, ବନ୍ଦ ହୋଇଥିବା ଇନକ୍ରିମେଣ୍ଟ ପ୍ରଦାନ, ବିଭିନ୍ନ କାମ ଓ ମିଟିଂରେ ଯୋଗଦେଇଥିବା କର୍ମୀଙ୍କୁ ଗସ୍ତ ଓ ଖାଦ୍ୟ ଖର୍ଚ୍ଚ ପ୍ରଦାନ, ସମସ୍ତ କର୍ମୀ ଓ ସହାୟିକାଙ୍କୁ ଇ-ଶ୍ରମ କାର୍ଡ ଓ ଆୟୁଷ୍ମାନ୍ ଯୋଜନାରେ ସାମିଲ କରିବା ସହିତ ଗ୍ରୀଷ୍ମକାଳୀନ ଅବକାଶ ପ୍ରଦାନ କରିବା ପରି ଦାବି ରହିଛି। ଦାବି ଗୁଡ଼ିକର ପୂରଣ ପାଇଁ ଆସନ୍ତା ୧୬ ତାରିଖରେ ଆର୍‌ଡିସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବାକୁ ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

### ଘରୋଇ ହିଂସା ବା ପତି-ପତ୍ନୀ ବିବାଦ ଅଭିଯୋଗ ସର୍ବାଧିକ

# ୩ ଜିଲ୍ଲାକୁ ନେଇ ରାଜ୍ୟ ମହିଳା କମିଶନଙ୍କ ଜନଶୁଣାଣି

ସମ୍ବଲପୁର, ୧୦।୩ (ସମିସ)



ସମ୍ବଲପୁର ଜିଲ୍ଲା ପରିଷଦ କାର୍ଯ୍ୟାଳୟସ୍ଥ ସଭାକକ୍ଷରେ ଜାତୀୟ ମହିଳା ଆୟୋଗ ଏବଂ ଓଡ଼ିଶା ରାଜ୍ୟ ମହିଳା ଆୟୋଗଙ୍କ ମିଳିତ ଆନୁକୂଲ୍ୟରେ ଆଜି ସମ୍ବଲପୁର, ବରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲାକୁ ନେଇ ସ୍ୱତନ୍ତ୍ର ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ମହିଳାମାନଙ୍କୁ ସ୍ଥାନୀୟସ୍ତରରେ ବିନା ଶୁଳ୍କରେ ତ୍ୱରିତ ନ୍ୟାୟ ପ୍ରଦାନ କରିବା ଏହି ଆଞ୍ଚଳିକ ଶିବିରର ଲକ୍ଷ୍ୟ। ରାଜ୍ୟ ମହିଳା କମିଶନ ଅଧକ୍ଷା ଶୋଭନା ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ମହିଳାଙ୍କ ଘରୋଇ ହିଂସା, ନିର୍ଯାତନା, ଯୌତୁକ, ସମ୍ପତ୍ତି ବିବାଦ, କର୍ମସ୍ଥଳରେ ନିର୍ଯାତନା, ସାଇବର ଅପରାଧ, ପରିତ୍ୟାଗ, ବୈବାହିକ ବିବାଦ ଏବଂ ମହିଳା ଅଧିକାର ଉଲଂଘନ ତଥା ମହିଳା କଲ୍ୟାଣ ସମ୍ପର୍କିତ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ବିଭିନ୍ନ ଅଭିଯୋଗର ଶୁଣାଣି ହୋଇଥିଲା। ଶିବିରରେ ମୋଟ ୪୯ଟି ମାମଲାର ବିଚାର କରାଯାଇଥିଲା। ଏହି ଶୁଣାଣୀରେ ମୋଟ ୬ଟି ମାମଲାର ଆପୋଷ ସମାଧାନ କରାଯାଇଛି। ଏହାବ୍ୟତୀତ ୬ଟି ମାମଲାକୁ ଅଧିକ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ସମ୍ପୃକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ (ଏସ୍‌ପି)ଙ୍କୁ ଆୟୋଗ ପକ୍ଷରୁ ସୁପାରିଶ, ଗୋଟିଏ ମାମଲାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ (ଡିଏଲ୍‌ଏସ୍‌ଏ)କୁ ହସ୍ତାନ୍ତର ଏବଂ ଅସହଯୋଗ କାରଣରୁ ୯ଟି ମାମଲାକୁ ବନ୍ଦ କରାଯାଇଛି। କମିଶନଙ୍କ ନିକଟରେ ୧୧ଟି ନୂତନ ମାମଲା ପଞ୍ଜିକୃତ ହୋଇଛି ଏବଂ ୮ଟି ମାମଲାରେ ନୋଟିସ ଜାରି କରାଯାଇଛି। ସୂଚନା ଅନୁଯାୟୀ, ଉପରୋକ୍ତ ୩ଟି ଜିଲ୍ଲା ପାଇଁ ମହିଳା ଆୟୋଗ ପକ୍ଷରୁ ପ୍ରାୟ ୩୫ଟି ସମନ୍ କରାଯାଇଥିଲା।

ଓଡ଼ିଶା ରାଜ୍ୟ ମହିଳା ଆୟୋଗ ଅଧକ୍ଷା ଶୋଭନା ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆୟୋଗର ସଦସ୍ୟା ମୁକ୍ତା ସାହୁ ଏବଂ ସମ୍ବଲପୁର ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସରୋଜା ବେହେରା ଏବଂ ବରଗଡ଼ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସନ୍ଧ୍ୟାରାଣୀ ନେପାକ, ସମ୍ବଲପୁର ଜିଲ୍ଲା ସୁରକ୍ଷା ଅଧିକାରୀ ସରିତା ଦାସ ଏବଂ ବରଗଡ ଜିଲ୍ଲା ସୁରକ୍ଷା ଅଧିକାରୀ ମାଙ୍ଗଳିକା ଦାସ, ସମ୍ବଲପୁର ଜିଲ୍ଲା ଡିଏସ୍‌ପି ତୋଫାନ ବାଗ ଏବଂ ମନୀଷା ବାରା, ବରଗଡ଼ ଜିଲ୍ଲା ଡିଏସପି ସୁମନ୍ତ କିଶାନ, ସମ୍ବଲପୁର ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସଂଯୁକ୍ତା କୁଲୁ, ସଖୀ - ୱାନ୍ ଷ୍ଟପ୍ କେନ୍ଦ୍ରର ସମ୍ବଲପୁରର ଅଧିକ୍ଷକ ମନସ୍ୱିନୀ ଦୋରା ପ୍ରମୁଖ ଉପସ୍ଥିତ ରହି ଜନଶୁଣାଣି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସେହିପରି ରାଜ୍ୟ ମହିଳା ଆୟୋଗର ଆଇନଗତ ସହାୟକ ଅରବିନ୍ଦ ପଟ୍ଟନାୟକ, ଦୁଇଜଣ କାଉନ୍‌ସେଲର୍ ବନ୍ଦନା ପଟ୍ଟନାୟକ ଓ ପ୍ରିୟଦର୍ଶିନୀ ଆଚାର୍ଯ୍ୟ, ତ୍ରିଲୋଚନ ନାୟକ, ଚିତ୍ତରଞ୍ଜନ ସାହୁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

ମହିଳା କମିଶନ ଅଧକ୍ଷା ଶୋଭନା ମହାନ୍ତି କହିଛନ୍ତି, ଏଭଳି ଶୁଣାଣୀ ଜରିଆରେ ମହିଳାମାନଙ୍କ ସୁରକ୍ଷା ଓ ସେମାନଙ୍କ ଅଧିକାର ସୁନିଶ୍ଚିତ କରିବା ପାଇଁ ମହିଳା କମିଶନ ନ୍ୟାୟ ପ୍ରଦାନ ପ୍ରକ୍ରିୟାକୁ ସୁଦୃଢ଼ କରୁଛି। ମାମଲା ଗୁଡ଼ିକର ଉପସ୍ଥାପନା ଓ ଶୁଣାଣି ପାଇଁ ମହିଳାମାନଙ୍କୁ ଏକ ନିଃଶୁଳ୍କ ପ୍ଲାଟଫର୍ମ ଯୋଗାଇବା ଏହାର ଲକ୍ଷ୍ୟ। ମହିଳାମାନେ ମୋବାଇଲ ଆପ୍ ମାଧ୍ୟମରେ ମଧ ଅଭିଯୋଗ ପଞ୍ଜିକୃତ କରିପାରିବେ। ମହିଳା ଆୟୋଗର ପରାମର୍ଶଦାତାଙ୍କ ଦ୍ୱାରା ନିଶୁଳ୍କ କାଉନ୍‌ସେଲିଂ ପ୍ରଦାନ କରାଯିବ।

ଆଜି ଆସିଥିବା ଅଭିଯୋଗ ଗୁଡ଼ିକ ମଧ୍ୟରେ ସର୍ବାଧିକ ଘରୋଇ ହିଂସା ବା ପତି-ପତ୍ନୀ ବିବାଦ ରହିଥିଲା ବୋଲି ସେ ସୂଚନା ଦେଇଛନ୍ତି। ସମାଜରେ ବଢ଼ି ଚାଲିଥିବା ପାରିବାରିକ ବିବାଦ ଓ ବିବାହ ବିଚ୍ଛେଦକୁ ରୋକିବା ପାଇଁ ପିଲାମାନଙ୍କୁ ପିଲାଦିନରୁ ଉପଯୁକ୍ତ ସଂସ୍କାର ଓ ପାରମ୍ପରିକ ମୂଲ୍ୟବୋଧ ଶିକ୍ଷା ଦେବାକୁ ଶ୍ରୀମତୀ ମହାନ୍ତି ଅଭିଭାବକମାନଙ୍କୁ ନିବେଦନ କରିଛନ୍ତି। ଏହାସହ ପାଶ୍ଚାତ୍ୟକୁ ଅନୁକରଣ ନକରି ଓଡ଼ିଆ ସଂସ୍କୃତି ପରମ୍ପରାକୁ ଅନୁସରଣ କରିବାକୁ ସେ ଆହ୍ୱାନ ଦେଇଛନ୍ତି।

# ଫ୍ଲାଏ ଓଭର ଉପରେ ଦୁଇ କାର୍ ମୁହାଁମୁହିଁ ଧକ୍କା

**ସମ୍ବଲପୁର,୧୦ ।୩(ସମିସ):** ମଙ୍ଗଳବାର ରାତି ପ୍ରାୟ ସାଢ଼େ୧୦ଟା ବେଳେ ସମ୍ବଲପୁର ଟାଉନ ଥାନା ଅନ୍ତର୍ଗତ ଧୂତୁରାପଡାରୁ କଚେରୀ ଛକ ଲକ୍ଷ୍ମୀଟକିଜ୍ ଫ୍ଲାଏଓଭର ଉପରେ ଦୁଇଟି କାର୍ ମୁହାଁମୁହିଁ ଧକ୍କା ହୋଇଛି। ବିପରୀତ ଦିଗରୁ ଦୁଇ କାର ଦ୍ରୁତ ଗତିରେ ଆସି ମୁହାମୁହିଁ ପିଟି ହୋଇଛନ୍ତି। ଦୁର୍ଘଟଣା ଏତେ ତୀବ୍ର ଥିଲା ଯେ ଉଭୟ କାର୍ ବୁଲିଯାଇଥିବା



କୁହାଯାଉଛି। ତେବେ, ଏକ ବଡଅଘଟଣରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଗାଡ଼ିରେ କେହି ଅନ୍ୟ ଲୋକ ନଥିବା ଜଣାପଡିଛି। ଟାଉନଥାନା ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଦୁଇଟି ଜବତ କରିଥିବା ଥାନାଧିକାରୀ ସୂଚନା ଦେଇଛନ୍ତି।

# ସୋହେଲାରେ ଅନ୍ତର୍ଜାତୀୟ ମହିଳା ଦିବସ

**ସୋହେଲା,୧୦।୩(ସମିସ):** ତାଲୁକ ଆଇନ ସେବା ସମିତି ସୋହେଲା ତରଫରୁ ସ୍ଥାନୀୟ ବ୍ଲକ୍ ସଭା ଗୃହ ଠାରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ସମିତିର ଚେୟାରମ୍ୟାନ ସବ ଜଜ ଚିନ୍ମୟୀ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜେଏମ୍‌ଏଫସି ଶୁଭମ ମିଶ୍ର, ଆଡଭୋକେଟ ପ୍ରମୋଦ ସାହୁ ଓ କୈଳାସ




ବେହେରା, ସମାଜସେବୀ ଅନୀଲ ପଧାନ, ଆଇସିଡିଏସ ସୁପରଭାଇଜର ସୁରେଶ୍ୱରୀ ଦାଶ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ମଞ୍ଜୁ ଅଗ୍ରୱାଲ, ଅଭାଗିନୀ ଛତର ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ସୋହେଲା ମହାପୁରୁ ଗୁଡି ମହିଳା ଭାଗବତ ସମିତି, ଅଗ୍ରୱାଲ ମହିଳା ସମିତି, ରାମେଶ୍ୱର ବାବା ମହିଳା ସମିତିଙ୍କୁ ସମ୍ମାନିତ କରାଯାଇଥିଲା। ଇଣ୍ଟରନ୍ୟାସନାଲ ହ୍ୟୁମାନରାଇଟ୍ସ ସଂସ୍ଥା ତରଫରୁ ମହିଳା ମାନଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ଶିଶିର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଆଶା, ଅଙ୍ଗନବାଡ଼ି କର୍ମୀ, ସହାୟିକା, ମିଶନ ଶକ୍ତି, ଅଗ୍ରୱାଲ ମହିଳା ସମିତିର କର୍ମକର୍ତ୍ତା ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଆଦିବାସୀ ଗାଁ ଡଙ୍ଗୀଝୁଲାକୁ ବିକାଶ ଛୁଇନି

# ରାସ୍ତା, ଶିକ୍ଷା, ପାନୀୟ ଜଳ ସବୁଥିରୁ ବଞ୍ଚିତ

- ବର୍ଷା ଦିନେ ଜଳବନ୍ଦୀ ଜୀବନ
- ନଦୀ ପାର ହୋଇ ଯାଉଛନ୍ତି ସ୍କୁଲ ଓ ଅଙ୍ଗନବାଡି





**ଲାଞ୍ଜିଗଡ଼, ୧୦ ।୩ (ସମିସ)**

ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ ପଞ୍ଚାୟତ ଡଙ୍ଗୀଝୁଲା ଗ୍ରାମ ବିକାଶରେ ରାସ୍ତା ସମସ୍ୟା ଏମାନଙ୍କ ପ୍ରତିବନ୍ଧକ ସାଜିଛି। ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଗାଁ ପ୍ରତି ପ୍ରଶାସନ ଅବହେଳା କରୁଥିବା ଗାଁ ଲୋକେ ପ୍ରକାଶ କରିଛନ୍ତି। ସୂଚନା ଯୋଗ୍ୟ ଯେ ଶହେ ବର୍ଷର ଡଙ୍ଗୀଝୁଲାଗାଁକୁ ଯିବା ପାଇଁ ରାସ୍ତା ନାହିଁ।୫୦ ବର୍ଷ ପୂର୍ବରୁ ଗାଁକୁ ପାଦଚଲା ରାସ୍ତା ଟିଏ ଥିଲା। ଭଲ ରାସ୍ତା ପାଇଁ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ ଗାଁ ସେହି ରାସ୍ତା ପ୍ରତି ଦୃଷ୍ଟି ନଦେବାରୁ ବର୍ତ୍ତମାନ ତାହା ଗଛ ପତ୍ରରେ ଢାଙ୍କି ହୋଇ ଯାଇଛି।କୌଣସି ବ୍ୟକ୍ତିଙ୍କ ଦେହ ଖରାପ ହେଲେ ଡାକ୍ତରଖାନା ନେବା ପାଇଁ ଅଧା କି.ମି ଦୂର ଖଟିଆରେ ବୋହି ଲାଞ୍ଜିଗଡ଼-ମୁନିଗୁଡା ମୁଖ୍ୟ ରାସ୍ତାକୁ ଆଣିବାକୁ ପଡୁଛି। ମାତ୍ର ୫୦୦ ମିଟର ରାସ୍ତା ନିର୍ମାଣ ପାଇଁ ଗାଁ ଏକ ପ୍ରକାର ବନ୍ଦୀ ଜୀବନଯାପନ କରୁଛନ୍ତି।ଗ୍ରାମ ଲାଞ୍ଜିଗଡ଼ ପଞ୍ଚାୟତଠାରୁ ୨କିମି ଦୂରରେ ରହିଛି। ତଥାପି ଏଠାରେ ସରକାରଙ୍କ ଯୋଜନା ଅପହଞ୍ଚ ହୋଇ ରହିଛି। ଗାଁରେ ଅଙ୍ଗନବାଡି କେନ୍ଦ୍ର ନାହିଁ। ଛୋଟଛୋଟ ପିଲାମାନେ ବଂଶୀଧାରା ନଦୀ ପାର ହୋଇ ଚଣାଲିମା ସ୍କୁଲ ଓ ଅଙ୍ଗନବାଡି କେନ୍ଦ୍ରକୁ ପାଠ ପଢ଼ିବା ପାଇଁ ଯାଉଛନ୍ତି। ଡଙ୍ଗୀଝୁଲା ଓ ଚଣାଲିମା ଗାଁ ମଝିରେ ବଂଶୀଧାରା ନଦୀ ରହୁଥିବା ବେଳେ ବର୍ଷା ଦିନେ ଜଳବନ୍ଦୀ ଭାବେ ଜୀବନଯାପନ କରିବା ସହ ପିଲାଙ୍କ ପାଠପଢ଼ା ସମ୍ପୂର୍ଣ୍ଣ ଭାବେ ବନ୍ଦ ରହେ। ୧୦୦ ବର୍ଷ ପୁରୁଣା ଏହି ଗାଁରେ ୧୮ ପରିବାର ବସବାସ କରନ୍ତି।କେବଳ ଭୋଟ୍ ସମୟରେ ନେତାମାନେ ଗାଁକୁ ଯାଇ ରାସ୍ତା ଓ ଗ୍ରାମରେ ବିକାଶ ପାଇଁ ବିଭିନ୍ନ ପ୍ରତିଶ୍ରୁତି ଦେଇଥାନ୍ତି। ଭୋଟ୍ ସରିଲେ ଗାଁକୁ ଭୁଲିଯାନ୍ତି।ପ୍ରଶାସନିକ ଅଧିକାରୀ ଗାଁକୁ ଆସୁନଥିବା ଗାଁ ଲୋକେ ପ୍ରକାଶ କରିଛନ୍ତି। ଗାଁକୁ ଖଣ୍ଡିଏ ପକ୍କା ରାସ୍ତା ପାଇଁ ଅନେକ ଥର ପଞ୍ଚାୟତରୁ ଆରମ୍ଭ କରି ବ୍ଲକ ଅଫିସରେ ଗୁହାରି କରିଥିଲେ ମଧ୍ୟ ସୁଫଳ ମିଳିପାରି ନାହିଁ।ଆଜିକୁ ୨୫ ବର୍ଷ ହେଲା ଲାଞ୍ଜିଗଡ଼ ପଞ୍ଚାୟତ ଗ୍ରାମ ସଭାରେ ପ୍ରସ୍ତାବ ଦିଆଯାଉଛି।କିନ୍ତୁ ଗାଁ ରାସ୍ତା ନିର୍ମାଣ ପାଇଁ ଆସୁଥିବା ଅର୍ଥ ପଞ୍ଚାୟତ ଅନ୍ୟ କାମରେ ଲାଗୁଥିବା ଗାଁ ଲୋକେ ପ୍ରକାଶ କରିଛନ୍ତି।ପୂର୍ବରୁ ନଦୀ ଓ କୂଅର ପାଣିକୁ ପାନୀୟ ଭାବେ ବ୍ୟବହାର କରୁଥିଲେ।ବାରମ୍ବାର ଦାବି ପରେ ୨୦୧୮ ମସିହାରେ ଲାଞ୍ଜିଗଡ଼ ପଞ୍ଚାୟତ ପକ୍ଷରୁ ଗାଁରେ ଏକ ନଳକୂପ ଖନନ ହୋଇଛି। କିନ୍ତୁ ଗୋଟିଏ ନଳକୂପ ଠିକ ଭାବେ ପାଣି ବାହାରୁ ନାହିଁ।ଖରାଦିନେ ଗାଁରେ ଜଳକଷ୍ଟ ଦେଖାଦେଉଛି। ଗାଁକୁ ରାସ୍ତା ନଥିବା ଯୋଗୁଁ ପୂର୍ବରୁ ଗାଁର କେତେ ଜଣକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ମିଳିଛି। ବର୍ତ୍ତମାନ ଘର ପାଇବା ପାଇଁ ଗାଁର ସମସ୍ତଙ୍କ ତାଲିକା ରହିଥିବା ବେଳେ ରାସ୍ତା ନଥିବା ଯୋଗୁଁ କିଭଳି ଘର ନିର୍ମାଣ କରିବୁ ବୋଲି ଗାଁ ଲୋକେ ଚିନ୍ତା ପ୍ରକଟ କରିଛନ୍ତି। ଯଦି ପ୍ରଶାସନ ଗାଁର ରାସ୍ତା ପ୍ରତି ଦୃଷ୍ଟି ନଦେଲେ ଡଙ୍ଗୀଝୁଲା ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ଚେତାବନୀ ଦେଇଛନ୍ତି। ଏନେଇ ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡାଙ୍କୁ ପଚାରିବାରୁ ଗାଁ ଲୋକଙ୍କ ବାରମ୍ବାର ଅଭିଯୋଗ ପରେ କିଛି ମୁଁ ଲାଞ୍ଜିଗଡ଼ ଆରଆଇଙ୍କୁ ନେଇ ନିଜେ ସେ ଗାଁକୁ ଯାଇଥିଲି। ଆରଆଇଙ୍କ କହିବା ଅନୁସାରେ ପ୍ରାଇଭେଟ ଲୋକଙ୍କ ଜମି ରହିଛି। ଗାଁ ରାସ୍ତା ନିର୍ମାଣ ପାଇଁ ଟଙ୍କା ଆସୁଛି କିନ୍ତୁ ହୋଇ ପାରୁନାହିଁ ବୋଲି ପ୍ରକାଶ କରିଛନ୍ତି।

# ଛାତ୍ରୀ ଏବଂ ଯୁବତୀ ନିଖୋଜ ନେଇ ପରିବାର ଲୋକ ଥାନାର ଦ୍ୱାରସ୍ଥ

**ରେଢ଼ାଖୋଲ, ୧୦ ।୩(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା କଦଳୀଗଡ଼ ପଞ୍ଚାୟତ ମହତପୁର ଗ୍ରାମରୁ ଜଣେ ୨୧ ବର୍ଷୀୟ ଯୁବତୀ ଓ ୧୩ ବର୍ଷୀୟ ଜଣେ ନବମ ଶ୍ରେଣୀର ଛାତ୍ରୀ ନିଖୋଜ ହୋଇଯାଇଛନ୍ତି। ଏନେଇ ମଙ୍ଗଳବାର ଦିନ ପରିବାରଲୋକେ ରେଢ଼ାଖୋଲ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଯୋଗ୍ୟ ଯେ ଯୁବତୀ ଓ ନାବାଳିକାଙ୍କ ମଧ୍ୟରେ ବନ୍ଧୁତା ରହିଥିଲା। ଦୁହେଁ ସାଙ୍ଗ ହୋଇ ପ୍ରତିଦିନ ପରି ଗାଁମୁଣ୍ଡ ନଳକୂପ ନିକଟକୁ ଗାଧୋଇବାକୁ ଯାଇଥାନ୍ତି। ନାବାଳିକା ଜଣଙ୍କ ଆଜି ସ୍କୁଲରୁ ପରୀକ୍ଷା ଦେଇ ଆସିବା ପରେ ମଧ୍ୟାହ୍ନ ସମୟରେ ଯୁବତୀଙ୍କ ସହ ଗାଧୋଇବାକୁ ଯାଇଥିଲେ। ସେଠାରୁ ଦୁହେଁ ଆଉ ଘରକୁ ଫେରିନଥିଲେ। ଏଥିରେ ପରିବାର ଲୋକେ ଦିନସାରା ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ପାଇ ନ ଥିଲେ। ଦୁହିଁଙ୍କ ପାଖରେ ମୋବାଇଲ ନ ଥିବା ବେଳେ ସେମାନଙ୍କୁ କେହି ଅପହରଣ କରି ନେଇ ଯାଇଥିବା ପରିବାର ଲୋକେ ସନ୍ଦେହ କରୁଛନ୍ତି। ଉଭୟଙ୍କୁ ସୁରକ୍ଷିତ ଘରକୁ ଫେରାଇ ଆଣିବାକୁ ଦୁଇ ପରିବାର ଲୋକେ ରେଢ଼ାଖୋଲ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

# ସର୍ବେଜାଲରେ ପଞ୍ଚୁଦୋଳ ଯାତ୍ରା

**ଜମନକିରା, ୧୦ ।୩(ସମିସ):** ଜମନକିରା ପଞ୍ଚାୟତ ସର୍ବେଜାଲ ଗ୍ରାମରେ ପଞ୍ଚୁଦୋଳଯାତ୍ରା ରାଧାକୃଷ୍ଣ ମଣ୍ଡପଠାରେ ପାଳନ ହୋଇ ଯାଇଛି। କର୍ତ୍ତା ଭାବରେ ରମାକାନ୍ତ ସାହୁ ରହି ଥିବା ବେଳେ ମୁଖ୍ୟ ପୂଜକ ଭାବରେ ନାରାୟଣ ପଣ୍ଡା ଓ ସହଯୋଗୀ ପୂଜକ ଭାବରେ ଅଭିମନ୍ୟୁ ଖଡ଼ିରତ୍ନ ପୂଜା କର୍ମ କରିଥଲେ।ଓଡ଼ିଶାର ଲୋକକଳା ସଂସ୍କୃତିକୁ ବଞ୍ଚେଇ ରଖିବା ପାଇଁ ସମ୍ପଦା, କୃଷ୍ଣ ଗୁରୁ ଛୋଟ ପିଲାଙ୍କ ବିଭିନ୍ନ ଖେଳ କୁଦ ସହ ରାଧାକୃଷ୍ଣଙ୍କୁ ବିମାନ ଯୋଗେ ଆଣି କରି ପୂଜାର୍ଚ୍ଚନା କରାଯାଇଥିଲା। ଲୋକଙ୍କ ମନୋରଞ୍ଜନ ପାଇଁ ଟିଟିଲାଗଡ଼ ମେଲୋଡି, ପଶ୍ଚିମ ଓଡ଼ିଶାର ସୁନାମଧନ୍ୟ ତଲାବିରା କୃଷ୍ଣ ଗୁରୁ ଓ ବଲବସପୁର ସମ୍ବଲପୁରରଙ୍କ ଦ୍ୱାରା ବାଦ କୃଷ୍ଣ ଗୁରୁ ଅନୁଷ୍ଠିତ ହୋଇଯାଇଛି। ହିମାଦ୍ରି ସାହୁ, ଜୁଲୁ ଖଡ଼ିରତ୍ନ, ସୁଶାନ୍ତ କିସାନ, ସୁଜିତ ସାହୁ, ଗଗନ ନାଏକ, ସିପୁନ ନାଏକ, ଉଦ୍ଧବ ବେହେରା, ହୁମାୟୁନ ଖଡ଼ିରତ୍ନ ପ୍ରଭୃତି ସହ ସର୍ବେଜାଲ ଗ୍ରାମବାସୀଙ୍କ ସହଯୋଗ କରିଥିଲେ।

# ପୂର୍ବତଟ ରେଳପଥ ଦେଇ ଚାଲିବ ୨ ଅମୃତ ଭାରତ ଏକ୍ସପ୍ରେସ୍

**ସମ୍ବଲପୁର, ୧୦।୩ (ସମିସ):** ପୂର୍ବତଟ ରେଳପଥ ମଧ୍ୟଦେଇ ଚଳାଚଳ କରିବ ଦୁଇଟି ନୂତନ ଅମୃତ ଭାରତ ଏକ୍ସପ୍ରେସ ଟ୍ରେନ ଚଳାଚଳ କରିବ। ସେଗୁଡ଼ିକ ହେଲା - କାମାକ୍ଷା ଚର୍ଲାପାଲ୍ଲି ଅମୃତ ଭାରତ ଏକ୍ସପ୍ରେସ ଏବଂ ପୋତନୁର (କୋଏମ୍ବାଟୁର)-ଧାନବାଦ ଅମୃତ ଭାରତ ଏକ୍ସପ୍ରେସ। ଦୂରଗାମୀ ରେଳ ସଂଯୋଗୀକରଣ ବୃଦ୍ଧି କରିବା ଏବଂ ଯାତ୍ରୀମାନଙ୍କୁ ଉନ୍ନତ ଯାତ୍ରା ସୁବିଧା ପ୍ରଦାନ କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ଟ୍ରେନଗୁଡ଼ିକ ଯାତ୍ରୀମାନଙ୍କୁ ସୁଲଭ ଏବଂ ଆରାମଦାୟକ ଯାତ୍ରା ପ୍ରଦାନ କରିବା ସହିତ ଉତ୍ତର-ପୂର୍ବ ଭାରତ, ପୂର୍ବ ଭାରତ ଏବଂ ଦକ୍ଷିଣ ଭାରତର ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳଗୁଡ଼ିକୁ ସଂଯୋଗ କରିବ। ଏହି ଦୁଇଟି ଅମୃତ ଭାରତ ଟ୍ରେନର ପ୍ରଚଳନ ଛାତ୍ର, ଶ୍ରମିକ ଏବଂ ବ୍ୟବସାୟୀଙ୍କ ପାଇଁ ଉତ୍ତମ ଗତିଶୀଳତା ପ୍ରଦାନ କରିବ ଏବଂ ସମଗ୍ର ଅଞ୍ଚଳରେ ପର୍ଯ୍ୟଟନ, ତୀର୍ଥଯାତ୍ରା ଏବଂ ସ୍ଥାନୀୟ ଅର୍ଥନୀତିକୁ ପ୍ରୋତ୍ସାହିତ କରିବ।

କାମାକ୍ଷା ଚର୍ଲାପାଲ୍ଲି ସାପ୍ତାହିକ ଅମୃତ ଭାରତ ଏକ୍ସପ୍ରେସ, ଭାରତର ଉତ୍ତର-ପୂର୍ବ ଏବଂ ଦକ୍ଷିଣ ଭାଗ ମଧ୍ୟରେ ସିଧାସଳଖ ରେଳ ସଂଯୋଗ ପ୍ରଦାନ କରିବ। ଯାତ୍ରା ସମୟରେ, ଏହି ଟ୍ରେନ୍ ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶର ଅନେକ ଜିଲ୍ଲା ଯଥା ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, ଖୋର୍ଦ୍ଧା, ଗଞ୍ଜାମ, ଶ୍ରୀକାକୁଲମ୍ ଏବଂ ବିଶାଖାପାଟଣାମ୍ ଦେଇ ଚଳାଚଳ କରିବ, ଯାହା ଉତ୍ତର-ପୂର୍ବ ଏବଂ ଦକ୍ଷିଣ ଭାରତକୁ ଉନ୍ନତ ସଂଯୋଗ ପ୍ରଦାନ କରି ଓଡ଼ିଶା, ଆନ୍ଧ୍ରପ୍ରଦେଶ ଏବଂ ଆଖପାଖ ଅଞ୍ଚଳର ଯାତ୍ରୀମାନଙ୍କୁ ଉପକୃତ କରିବ। ଏହି ଟ୍ରେନଟି ପ୍ରତି ରବିବାର କାମାକ୍ଷାରୁ ଏବଂ ପ୍ରତି ବୁଧବାର ଚର୍ଲାପାଲ୍ଲିରୁ ପ୍ରସ୍ଥାନ କରିବ।

ପୋତନୁରଧାନବାଦ ଅମୃତ ଭାରତ ସାପ୍ତାହିକ ଏକ୍ସପ୍ରେସ୍ ତାମିଲନାଡୁର ପୋତନୁରକୁ ପୂର୍ବ ଭାରତର ଏକ ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ସହର ଧନବାଦ ସହିତ ସଂଯୋଗ କରିବ। ଟ୍ରେନଟି ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶର ଅନେକ ଜିଲ୍ଲା ଯଥା ବିଶାଖାପାଟଣାମ୍, ବିଜୟନଗରମ୍, ପାର୍ବତୀପୁରମ୍ ମାନ୍ୟମ୍, ରାୟଗଡ଼ା, କଳାହାଣ୍ଡି, ବଲାଙ୍ଗୀର, ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼ ଜିଲ୍ଲା ଦେଇ ଚଳାଚଳ କରିବ, ଯାହା ଦକ୍ଷିଣ ଭାରତ ଏବଂ ପୂର୍ବ ଭାରତର କୋଇଲା ବେଲ୍ଟ ଅଞ୍ଚଳ ମଧ୍ୟରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କ ପାଇଁ ଉନ୍ନତ ରେଳ ସଂଯୋଗ ପ୍ରଦାନ କରିବ। ଏହି ଟ୍ରେନ୍ ପ୍ରତି ଶନିବାର ପୋତନୁରରୁ ଏବଂ ପ୍ରତି ସୋମବାର ଧାନବାଦରୁ ଛାଡ଼ିବ।

# ଜମନକିରା ବୃହଦାକାର ବହୁମୁଖୀ ସେବାସମବାୟ ସମିତିର ସଭା

**ଜମନକିରା, ୧୦ ।୩(ସମିସ):** ଜମନକିରା ବୃହଦାକାର ବହୁମୁଖୀ ସେବା ସମବାୟ ସମିତି ଲିମିଟେଡର ବାର୍ଷିକ ସାଧାରଣ ସଭା ମଙ୍ଗଳବାର ଜମନକିରା ମାର୍କେଟ ୟାର୍ଡଠାରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ଟିକିଲିପଡ଼ା, କଟଙ୍ଗପାଣି ଓ ଭୋଜପୁରର ଲେମ୍ପ ମିଶି ସଭା ଆୟୋଜନ କରାଯାଇଥିଲା। ବରିଷ୍ଟ ଡ଼ାଇରେକ୍ଟର ଆଦି ପ୍ରସାଦ ମହାକୁଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଏଆର କୁଚିଣ୍ଡା ମନୋଜ ମହନ୍ତ, ଶାଖା ପରିଚାଳକ ଏସଡିସିସି ଜମନକିରା ସିନୁରାଜ ସାହୁ, ଏମଡି ପଦାରବିନ୍ଦ ମହାପାତ୍ର, ଡ଼ାଇରେକ୍ଟର ପ୍ରଶାନ୍ତ କୁମାର ପଣ୍ଡା, ପ୍ରକାଶ ମାଝୀ, ସରୋଜ ପ୍ରଧାନ, କର୍ଣ୍ଣ କିଶୋର କୁଜୁର, ଧରଣୀ ଧର ମାଝୀ, ଗଙ୍ଗାଧର ଲୁହା, ଦେବାନନ୍ଦ ନାଏକ, ସୁଜ୍ଞାନି ବେହେରା ପ୍ରମୁଖ ଯୋଗ ଦେଇଥିଲେ। ବାର୍ଷିକ ବିବରଣୀ ପଠନ କରିଥିଲେ ଏମଡି ପଦାରବିନ୍ଦ ମହାପାତ୍ର। ପୂର୍ବ ସାଧାରଣ ସଭାର ବିବରଣୀ ପଠନ ଓ ଦୃଢ଼ିକରଣ, ବାର୍ଷିକ ବିବରଣୀ ପଠନ ଓ ଅନୁମୋଦନ, ୨୦୨୫-୨୬ ଆର୍ଥିକ ବର୍ଷର ଜମା ହିସାବ।୨୦୨୬-୨୭ଆର୍ଥିକ ବର୍ଷର ବଜେଟ ଅଟକଳ ମଞ୍ଜୁରୀ, ଅଡ଼ିତ ରିପୋର୍ଟ ପଠନ ଓ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ, ଋଣ ଲଗାଣ ଓ ଅସୁଲ, ସାର ବିହନ, ସମିତିର ଆର୍ଥିକ ଅଭିବୃଦ୍ଧି ନିମନ୍ତେ ପଦକ୍ଷେପ ସାର, ଚାଷୀ ପଞ୍ଜୀକରଣ, ଋଣ ଦେଣନେଣ, ଲାମ୍ପ୍ କିପରି ଭାବରେ ସୁଚାରୁ ଚଳିବ ଆଲୋଚନା କରାଯାଇଥିଲା। ଋଣି ଚାଷୀମାନେ ସୁଚିନ୍ତିତ ନିଜ ନିଜ ମତାମତ ରଖିଥିଲେ। ସଭ୍ୟରେ ଚୁଡ଼ାମଣି ପଟେଲ, ପିଛାଲୁ ଭୋଇ, ଅଶୋକ ଦାନୀ, ଭୁବନେଶ୍ୱର ପଟେଲ, ରବୀନ୍ଦ୍ର ପ୍ରସାଦ ଦାନୀ, ବିରେନ୍ଦ୍ର ଚୌଧୁରୀ, ଶିଶିର କୁମାର ପଟ୍ଟନାୟକ, ସୁନିଲ ପ୍ରଧାନ, ମିତ୍ର ଭାନୁ ପଟେଲ, ସୁନିଲ ମହାକୁଲ, ବିପିନ ଚୌଧୁରୀ, ରବୀନ୍ଦ୍ର ମଲ୍ଲିକ, ସନ୍ତୋଷ ପରିଡ଼ା, ଟଙ୍କଧର କୁମୁରା, ଉମେଶ ମହାକୁଲ, ହେମନ୍ତ ମହାକୁଲ, ବିନୋଦ ସାହୁ ପ୍ରଭୃତି ଯୋଗ ଦେଇ ଥିଲେ। ଲେମ୍ପ କର୍ମଚାରି ମଧ୍ୟ ରେ ଈଶ୍ୱର ପଧାନ, ପଙ୍କଜ ପଟେଲ, ହରିହର ରଣା, ରିସପାଲ ପଟେଲ, ଶ୍ରୀକାନ୍ତ ପଟେଲ, ଅବିଲ ପୋଢ଼, ଟଙ୍କଧର ପଧାନ, କ୍ଷେତ୍ରବାସୀ ନାଏକ, ଦୁର୍ଗା ବାଘ ପ୍ରମୁଖ ସହଯୋଗ କରି ଥିଲେ। ଶେଷରେ ସଭାପତି ଶ୍ରୀ ମହାକୁଲ ଧନ୍ୟବାଦ ଅର୍ପଣ କରିଥିଲେ।

# ନାରାୟଣୀ ପଣ୍ଡାଙ୍କ ବିୟୋଗରେ ଶୋକସଭା

## ● ଲେଡିଲୁଇସ ଗାର୍ଲ୍ସ ହାଇସ୍କୁଲ

**ସମ୍ବଲପୁର, ୧୦।୩ (ସମିସ) :** ସ୍ଥାନୀୟ ଲେଡିଲୁଇସ ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରାକ୍ତନ ଛାତ୍ରୀ ଡ. ନାରାୟଣୀ ପଣ୍ଡାଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଦିବଂଗତ ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ସଭାରେ ଛାତ୍ରୀ ସଂସଦ ସଭାପତି ଅପର୍ଣ୍ଣା ପାଢ଼ୀ, ସମ୍ପାଦିକା ରାଜଶ୍ରୀ ମିଶ୍ର, ସହସମ୍ପାଦିକା ଗାୟତ୍ରୀ ବହିଦାର, ଛାତ୍ରୀ ସଂସଦ ସଦସ୍ୟା ଡ. ନିରୁପମା ବଡ଼ପଣ୍ଡା, ଗାର୍ଗୀ ଶତପଥୀ, ତାରାବତୀ ବେହେରା, ବିଜୟଲକ୍ଷ୍ମୀ ନନ୍ଦ ତଥା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଜିତ କୁମାର ଲୁହା, ଶିକ୍ଷକ ଶିକ୍ଷୟିତ୍ରୀ କମଳିନୀ ଆଚାର୍ଯ୍ୟ, ସ୍ୱାଗତିକା ପଣ୍ଡା, ଅନୁପମା ପଣ୍ଡା ପ୍ରମୁଖ ଡା. ପାଣିଗ୍ରାହୀଙ୍କ ତ୍ୟାଗପୂତ ଜୀବନ ଏବଂ ସମାଜସେବା କ୍ଷେତ୍ରରେ ଅବଦାନ ସମ୍ପର୍କରେ ଆଲୋଚନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ● ସମ୍ବଲପୁର ପବ୍ଲିକ୍ ଲାଇବ୍ରେରୀ

ସମ୍ବଲପୁର ପବ୍ଲିକ ଲାଇବ୍ରେରୀଠାରେ ବିଶିଷ୍ଟ ସମାଜସେବୀ ନାରାୟଣୀ ପଣ୍ଡାଙ୍କ ବିୟୋଗରେ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧକ୍ଷତାରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଆତ୍ମାର ସଦ୍‌ଗତି ପାଇଁ ନିରବ ପ୍ରାର୍ଥନା ପରେ ସଭ୍ୟ ସମ୍ପାଦକ ରଘୁନାଥ ମିଶ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଡାକ୍ତର ଗୁଣସାଗର ଦାଶ, ଅର୍ଜୁନ ରଞ୍ଜନ ପଣ୍ଡା, ରାଜେନ୍ଦ୍ର ପଣ୍ଡା, ପୃଥ୍ୱୀରାଜ ମିଶ୍ର, ପ୍ରଫେସର ଶଙ୍କର ପ୍ରସାଦ ପତି, ପଫେସର ରାଜଲକ୍ଷ୍ମୀ ମିଶ୍ର, ପ୍ରଫେସର ରବିନାରାୟଣ ମିଶ୍ର, ପ୍ରଦୀପ ପଣ୍ଡା, ପ୍ରଫେସର ଶ୍ୟାମସୁନ୍ଦର ଧର, ପ୍ରଫେସର ମୀନକେତନ ପାଠୀ ପ୍ରମୁଖ ସ୍ମୃତିଚାରଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଭାପତି ପ୍ରଫେସର ପାଢ଼ୀ ଡାକ୍ତର ନାରାୟଣୀ ପଣ୍ଡାଙ୍କ ପ୍ରୋତ୍ସାହନ ରାଶିରେ ନିର୍ମିତ ଲାଇବ୍ରେରୀର ସଭାଗୃହକୁ ଆଜିଠାରୁ 'ଡାକ୍ତର ନାରାୟଣୀ ପଣ୍ଡା ହଲ ଅଫ୍ ଏକ୍ସଲେନ୍ସ' ଭାବରେ ନାମିତ କରାଗଲା ବୋଲି ଘୋଷଣା କରିବା ସହ ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟକୁ ଡାକ୍ତର ନାରାୟଣୀ ପଣ୍ଡାଙ୍କ ଦାନ ପରିପ୍ରେକ୍ଷୀରେ ଯୋଗ୍ୟ ଶ୍ରଦ୍ଧାଞ୍ଜଳି ସ୍ୱରୂପ ତାଙ୍କ ନାମରେ ନାମିତ କରାଯିବାକୁ ପ୍ରସ୍ତାବ ରଖିଥିଲେ।

## ● ସରକାରୀ ମହିଳା ମହାବିଦ୍ୟାଳୟ

ସମ୍ବଲପୁରର ବିଶିଷ୍ଟ ସମାଜସେବୀ ଡ. ନାରାୟଣୀ ପଣ୍ଡାଙ୍କ ସ୍ମୃତିରେ ସରକାରୀ ମହିଳା ମହାବିଦ୍ୟାଳୟରେ ଅଧାପିକା, ଅଧାପକ, କର୍ମଚାରୀ ଓ ଛାତ୍ରୀଙ୍କୁ ନେଇ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ପ୍ରଫେସର କଳ୍ପନା ମେହେର ଓ ଅନ୍ୟମାନେ ସ୍ୱର୍ଗତ ପଣ୍ଡାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପ୍ରଫେସର ମେହେର ସ୍ୱର୍ଗତ ପଣ୍ଡାଙ୍କ ଗୁଣଗାନ କରିବା ସହ ମହାବିଦ୍ୟାଳୟ ପ୍ରତି ତାଙ୍କର ଅବଦାନ ବିଷୟରେ ଆଲୋକପାତ କରିଥିଲେ। ଡା. ପଣ୍ଡାଙ୍କ ସାମଗ୍ରିକ ଜୀବନ ଓ କୃତିକୁ ନେଇ ଏକ ସ୍ୱତନ୍ତ୍ର ସଭା ଆୟୋଜନ କରାଯିବାକୁ ଶ୍ରଦ୍ଧାଞ୍ଜଳି ସଭାରେ ନିଷ୍ପତ୍ତି ନିଆଯାଇଥିଲା।

# ଗୋ ମାଂସ ଜବତ, ଜଣେ ଗିରଫ

**ଅତାବିରା,୧୦।୩(ସମିସ):** ଅତାବିରା ବ୍ଲକ୍ ଗୋଡ଼ଭଗା ପଞ୍ଚାୟତ କୁଜାପାଲିରେ ଗୋ ମାଂସ କାରବାର ହେଉଥିବା ଅଭିଯୋଗ ହୋଇଛି। ଖବରପାଇ ପାଇ ଅତାବିରା ଥାନା ଅଧିକାରୀ ପ୍ରକାଶ କର୍ଣ୍ଣ ଓ ଷ୍ଟାଫ ଘଟଣା ସ୍ଥଳରେ ପହଞ୍ଚି ଗୋ ମାଂସକୁ ଜବତ କରିବା ସହ ସମ୍ପୃକ୍ତ ଥିବା ଅଭିଯୁକ୍ତକୁ ଗିରଫ କରିଛନ୍ତି। ଗିରଫ ଅଭିଯୁକ୍ତ ହେଲା ଅତାବିରା ଥାନା ଟୋପ ଗାଁର କ୍ରିଷ୍ଣା ଅଣ୍ଡଲୀ(୩୨)। ଏନେଇ ଗୋ ହତ୍ୟା ଧାରା ଅନୁସାରେ ମାମଲାରୁଜୁ କରାଯାଇ ତଦନ୍ତ ଜାରି ରହିଛି।




# ବନଦୂର୍ଗା ମନ୍ଦିରରେ ବାସନ୍ତିକ ନବରାତ୍ର ପୂଜା ପ୍ରସ୍ତୁତି

**ପଦ୍ମପୁର,୧୦।୩(ସମିସ):** ପଦ୍ମପୁର ବନଦୂର୍ଗା ମନ୍ଦିର ପରିସରରେ ମନ୍ଦିର ସଭାପତି ଡ.ପ୍ରଭାତ ନାରାୟଣ ତ୍ରିପାଠୀଙ୍କ ସଭାପତିତ୍ୱରେ ଚଳିତ ଚୈତ୍ରମାସରେ ବାସନ୍ତିକ ନବରାତ୍ର ପୂଜାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଡ.ତ୍ରିପାଠୀ ସମସ୍ତ ସଦସ୍ୟଙ୍କୁ ସ୍ୱାଗତ ଜଣାଇ ସଭାକାର୍ଯ୍ୟ ଆରମ୍ଭ କରିଥିଲେ। ଗତବର୍ଷ ପୂଜାର ସମୀକ୍ଷା କରି ସମସ୍ତ ଦିଗର ଭଲମନ୍ଦର ବିଚାର ବିମର୍ଷ ଆଲୋଚନା କରାଯାଇଥିଲା। ମୁଖ୍ୟ ପଣ୍ଡିତ ରଘୁନାଥ ତ୍ରିପାଠୀ କାର୍ଯ୍ୟସୂଚୀର ବିବରଣୀ ପ୍ରଦାନ କରିଥିଲେ। ଆସନ୍ତା ୧୯ ଗୁରୁବାର ଦିନ ସକାଳ ୫ଟାରେ କଳସାଧିବାସ, ଅଙ୍କୁରାରୋପଣ, ଅଖଣ୍ଡଦୀପ ପ୍ରଜ୍ୱଳନ, ନବଦୁର୍ଗା ଆବାହନ ପୂଜା, ଅଗ୍ନିସ୍ଥାପନ, ଅର୍ଣ୍ଣଭୋଗ ହୋଇ ପୂଜା ଆରମ୍ଭ ହେବ। ୭.୩୦ରେ ମଙ୍ଗଳ ଆଳତି ହେବ। ୨୦ ତାରିଖ ବିଭିନ୍ନ ପୂଜାକାର୍ଯ୍ୟ ସହ ଶ୍ରୀରାମ ଜନ୍ମ ମହୋତ୍ସବ ପାଳନ ଓ ଘଟ ବିସର୍ଜନ କରାଯିବ। ନବଦିନାତ୍ମକ ପୂଜାରେ ଅଖଣ୍ଡ ଦୀପ ପ୍ରଜ୍ୱଳନ ପାଇଁ ୧୩୫୦ଟଙ୍କା, ଅନ୍ନଭୋଗ ସମର୍ପଣ ପାଇଁ ୩୫୦୦ଟଙ୍କା, ମିଷ୍ଟାନ୍ନ ଭୋଗ ପାଇଁ ୧୦୦୦ ଟଙ୍କା, ଅମୃତମଣୋହି ଭୋଗ ପାଇଁ ୧୩୫୦ ଟଙ୍କା, ପୂଜା ପାଇଁ ୫୦୦ ଟଙ୍କା, ଶୁଆମଣୀ ପାଇଁ ୭୦୦ ଟଙ୍କା ଓ କୁଣ୍ଡିଭୋଗ ପାଇଁ (ପ୍ରତ୍ୟେକ ଦିନ ଭୋଗ) ୭୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଅଧିକ ବିବରଣୀ ପାଇଁ ୯୭୭୮୧୧୪୫୩ ରେ ଅନିଲ ବେହେରାଙ୍କୁ ଯୋଗାଯୋଗ କରିପାରିବେ। ବୈଠକରେ ସଭାପତି ଡ.ପ୍ରଭାତ ନାରାୟଣ ତ୍ରିପାଠୀ, ସମ୍ପାଦକ ଗୋପାଳ ଚନ୍ଦ୍ର ଭୋଇ, କୋଷାଧକ୍ଷ୍ୟ ଅନିଲ ବେହେରା ସମେତ ପ୍ରତାପ ମିଶ୍ର, ଗଜାନନ ଶର୍ମା, ଶୁଶାନ୍ତ ପଧାନ, ଉମେଶ ସାହୁ, ବିଷ୍ଣୁ ଥପା, ଶୁରୁ ଭୋଇ, ଗୋବିନ୍ଦ ବାଗ, ବନଦୁର୍ଗା ମନ୍ଦିର ପୂଜକ ପ୍ରଶାନ୍ତ ପଣ୍ଡା (ସୁରୁ) ଲକ୍ଷ୍ମୀନାରାୟଣ ମନ୍ଦିର ପୂଜକ ଉଦୟ ନନ୍ଦ ଉପସ୍ଥିତ ରହି ମତାମତ ରଖିଥିଲେ। ଶେଷରେ ସମ୍ପାଦକ ଗୋପାଳ ଚନ୍ଦ୍ର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# ବିବାହ ଉତ୍ସବରେ ରକ୍ତଦାନ ଶିବିର

**ବରଗଡ଼,୧୦।୩(ସମିସ):**

ବରଗଡ଼ ଜିଲ୍ଲା ସୋହେଲା ବ୍ଲକ୍ ଅଧୀନ ସରକଣ୍ଡା ଗାଁର ସରୋଜିନୀ ଠାକୁର ଓ ଲକ୍ଷ୍ମଣ ଠାକୁରଙ୍କ ଜ୍ୟେଷ୍ଠ ପୁତ୍ର ଆମ

## ● ୨୬ ୟୁନିଟ୍ ରକ୍ତ ସଂଗ୍ରହ



ନିଷ୍ଠା ପରିବାରର ସଦସ୍ୟ ଅମିତ ଠାକୁର ଓ ଅଞ୍ଜଳୀ ସିଂହଙ୍କ ବିବାହ ଉତ୍ସବ ଅବସରେ ନିଷ୍ଠା ପରିବାର ଓ ଠାକୁର ପରିବାରର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ସରକଣ୍ଡା ଗାଁରେ ଅନୁଷ୍ଠିତ ହୋଇଛି। ସରକଣ୍ଡା ସରପଞ୍ଚ ହିଟଲର ମେହେର ମୁଖ୍ୟ ଅତିଥି ଭାବେ ଶିବିରର ଶୁଭାରମ୍ଭ କରିବା ସହ ଉଭୟ ନବବିବାହିତ ଦମ୍ପତ୍ତି ଅମିତ ଓ ଅଞ୍ଜଳି ରକ୍ତଦାନ କରି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଡ.ମାଧବ ନାୟକ ଯୋଗ ଦେଇଥିଲେ। ବରଗଡ଼ ରକ୍ତଭଣ୍ଡାର ଦ୍ୱାରା ସର୍ବମୋଟ ୨୬ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଠାକୁର ପରିବାର ବିବାହ ଉତ୍ସବରେ ରକ୍ତଦାନ ଶିବିର କରି ଅଞ୍ଚଳ ପାଇଁ ଏକ ଉଦାହରଣ ସୃଷ୍ଟି କରିଛନ୍ତି। ରକ୍ତଦାନ ଶିବିର ଆୟୋଜନ ପାଇଁ ଠାକୁର ପରିବାରକୁ ଆମ ନିଷ୍ଠା ପରିବାର ତରଫରୁ ଏକ ସ୍ମୃତିଫଳକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିବିରକୁ ନିଷ୍ଠା ପରିବାରର ସଦସ୍ୟ ସଦସ୍ୟା ଓ ଠାକୁର ପରିବାର ସୁପରିଚାଳନା କରିଥିଲେ। ସମସ୍ତ ରକ୍ତଦାତା ସହଯୋଗୀ ଶୁଭେଚ୍ଛୁ ବିଶେଷ କରି ଠାକୁର ପରିବାରକୁ ନିଷ୍ଠା ପରିବାର ପକ୍ଷରୁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରାଯାଇଥିଲା।

# ସିରଜିନା ଉତ୍ସବ ନାଟକ୍, ପ୍ରତିଯୋଗିତାରେ ଦୁଲୁକିବ ଭେଉଁରିଆ ଗାଁ

**ପଦ୍ମପୁର,୧୦।୩(ସମିସ):** ଏପ୍ରିଲ୍ ୩ ଓ ୪ତାରିଖ ଭେଉଁରିଆ ଗାଁରେ ୩୨ତମ ସିରଜିନା ଉତ୍ସବ ଓ ପ୍ରଥମ ଶିଶୁ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହେବ। ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ଦୁଲଦୁଲି ବାଜାର ତାଳେ ତାଳେ ମାଁ ସମଲେଇଙ୍କର ପୂଜନୋତ୍ସବ କରାଯିବ। ଏହାପରେ ସମ୍ବଲପୁରୀ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହେବ। ପ୍ରଥମ ବର୍ଷ ଏହି ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ସମ୍ପାଦକ ରାଜେନ୍ଦ୍ର ମହାନ୍ତି ସୂଚନା ପ୍ରଦାନ କରିଛନ୍ତି। ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଲର୍ସରା ଅତାବିରାର ନାଟକ ବଉଁଶବୁଡା ଉଇନର ବ୍ରାଇଟ୍ ଫ୍ୟୁଚରର ନାଟ 'ଡୁଁଆସି', ଚର୍ଦ୍ଦାପାଳି ସେବାଶ୍ରମର ନାଟକ 'ଯାର ଧାନ କେ ତାର ମୂର୍ହୀ' ଆଉ ଖୁଜେନ ପ୍ରାଥମିକ ବିଦ୍ୟାଳୟର ନାଟକ 'ଧର୍ମପଦ' ମଞ୍ଚସ୍ଥ ହେବ। ଏପ୍ରିଲ୍ ୪ତାରିଖ ବହୁଭାଷୀ କବିତା ପାଠ, ଆଲୋଚନାଚକ୍ର ଓ ସନ୍ଧ୍ୟାରେ ସମ୍ବଲପୁରୀ ନୃତ୍ୟ ଦଳଗତ ଓ ଏକକ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହିବର୍ଷ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗୀତ ନୃତ୍ୟ ଓ ଚିତ୍ରାଙ୍କନ ପ୍ରତିଯୋଗିତା ମଧ୍ୟ କରାଯିବ। ନାରୀ ମାନଙ୍କ ମଧ୍ୟରେ ରଙ୍ଗୋଲି, ମେହେନ୍ଦି, ଝୋଟି ଓ ହୁଳହୁଳି ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ସମ୍ପାଦକ ସୂଚନା ପ୍ରଦାନ କରିଛନ୍ତି। ସିରଜିନା ସମ୍ମାନ କବିତା, ଗଳ୍ପ, ପ୍ରବନ୍ଧ ଓ ଅଭିନୟ କ୍ଷେତ୍ରରେ ପାରଦର୍ଶିତା ଲାଭକରି କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯିବ। ପଶ୍ଚିମ ଓଡ଼ିଶାର ମହାରାଜ ମାନଙ୍କର ଏକ ମହାମିଳନ ମଧ୍ୟ ହେବ। ସଭାପତି ଆଦିତ୍ୟ ରଥ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦାନ କରିବାକୁ ଅନୁରୋଧ କରିଥିଲେ।

## ଯାତ୍ରା ଦେଖିବାକୁ ଯାଇ ଯୁବତୀ ନିଖୋଜ

**ଭେଡେନ,୧୦।୩(ସମିସ):** ଭେଡେନ ବ୍ଲକ୍ ଚିଚିଣ୍ଡା ଗାଁରେ ଚାଲୁଥିବା ୫ ଦିନ ଧରି ବୀର ବଜରଙ୍ଗ ବଳି ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେଉଛି। ଉତ୍ସବର ଶେଷ ସନ୍ଧ୍ୟାରେ ଆସି ଜଣେ ଯୁବତୀ ନିଖୋଜ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଭେଡେନ ଥାନା ଅଞ୍ଚଳର ଏକ ଗାଁର ୨୦ ବର୍ଷିଆ ଯୁବତୀ ନିଜ ପରିବାର ସହିତ ମନ୍ଦିର ପ୍ରତିଷ୍ଠା ଦେଖିବାକୁ ଆସିଥିଲେ। କିଛି ସମୟ ପରେ ଉକ୍ତ ଯୁବତୀ ନ ମିଳିବାରୁ ପରିବାର ଲୋକେ ଖୋଜା ଖୋଜି କରିଥିଲେ। ହେଲେ ତାଙ୍କର କୌଣସି ଖୋଜଖବର ନମିଳିବାରୁ ଆଜି ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାହୋଇଛି।

## ଡ୍ୟାମ୍‌ରେ ଗାଧୋଇବାକୁ ଯାଇ ଯୁବକ ନିଖୋଜ

**ଅମ୍ବାଭୋନା,୧୦।୩(ସମିସ):** ଅମ୍ବାଭୋନା ବ୍ଲକ୍ ଦ୍ୱାରୀ ପଞ୍ଚାୟତ ଅଧୀନ କୁସୁମଡିହି ଗାଁର ଜଣେ ଯୁବକ ଡ୍ୟାମରେ ଗାଧୋଇବାକୁ ଯାଇ ନିଖୋଜ ହୋଇଥିବା ଅମ୍ବାଭୋନା ଥାନାରେ ମଙ୍ଗଳବାର ଅଭିଯୋଗ ହୋଇଛି। ନିଖୋଜ ଯୁବକ ହେଲେ କୁସୁମଡିହି ଗାଁର ଭରତ ପଧାନଙ୍କ ବଡ ପୁଅ ସୁଧୀର ପଧାନ (୨୭)। ସୁଧୀର ସୋମବାର ଅପରାହ୍ଣରେ ସାଙ୍ଗ ମାନଙ୍କ ସହ ଦ୍ୱାରୀ ସ୍ଥିତ ରାନି ସାଗର ଡ୍ୟାମକୁ ଗାଧୋଇବାକୁ ଯାଇଥିଲେ। କିନ୍ତୁ ସନ୍ଧ୍ୟା ସୁଦ୍ଧା ଘରକୁ ଫେରି ନଥିଲେ। ଫଳରେ ପରିବାର ଲୋକେ ଖୋଜାଖୋଜି ଆରମ୍ଭ କରିଥିଲେ। ପରେ ଡ୍ୟାମ ପାଖରେ ତାଙ୍କର ପ୍ୟାଣ୍ଟ, ସାର୍ଟ ଓ ଚପଲ ପଡିଥିବା ଦେଖିବାକୁ ମିଳିଥିଲା। ଏହାପରେ ପରିବାର ଲୋକେ ସେ ପାଣିରେ ବୁଡିଯାଇଥିବା ସନ୍ଦେହ କରି ରାତିରେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ଅମ୍ବାଭୋନା ଅଗ୍ନିଶମ ବାହିନୀର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ସମୟ ଧରି ଖୋଜାଖୋଜି କରିଥିଲେ। କିନ୍ତୁ ଯୁବକଙ୍କର କୌଣସି ପତ୍ତା ମିଳି ନଥିଲା। ଏନେଇ ନିଖୋଜ ଯୁବକଙ୍କ ସାନଭାଇ ସୁବୋଧ ପଧାନ ଅମ୍ବାଭୋନା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ଯୁବକଙ୍କ ସନ୍ଧାନ ମିଳିପାରି ନଥିବା ଜଣାପଡିଛି।



**ପାଣିରେ ବୁଡ଼ି ମୃତ୍ୟୁ ସନ୍ଦେହ**

# ଲୋକଙ୍କ ସରକାରରେ ଲୋକଙ୍କ ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ବନ୍ଦ

**ବରଗଡ଼,୧୦।୩(ସମିସ)**



- ପ୍ରତିବାଦରେ ଜିଲ୍ଲାପାଳ ଅଫିସ ଘେରିଲା ବିଜେଡି
- ଚାଷୀଙ୍କୁ ଜଣାଇଲା ସମର୍ଥନ

ନିଜକୁ ଲୋକଙ୍କ ସରକାର ବୋଲି ବାହାସ୍ଫୋଟ ମାରୁଥିବା ରାଜ୍ୟ ବିଜେପି ସରକାର ଲୋକଙ୍କ ପାଇଁ ଜିଲ୍ଲାପାଳ ଅଫିସ୍ ଦ୍ୱାର ବନ୍ଦ କରି ତାଲା ପକାଇବା ଘଟଣାକୁ ବରଗଡ଼ ବିଜେଡି ଦୃଢ଼ ପ୍ରତିବାଦ କରିଛି। ଜିଲ୍ଲାରେ ବହୁ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣରୁ ବଞ୍ଚିତ ହୋଇ ରହିଛନ୍ତି। ଧାନ ବିକ୍ରି କରି ନ ପାରିବା କାରଣରୁ ଦୀର୍ଘଦିନ ହେଲା ବରଗଡ଼ ଜିଲ୍ଲାପାଳ କାର୍ଯ୍ୟାଳୟ ପରିସରରେ ଧାରଣା ଦେଇଥିଲେ। ସରକାରୀ ସ୍ତରରେ ସମ୍ପୃକ୍ତ ଚାଷୀଙ୍କ ସମସ୍ୟା ସମାଧାନ ପାଇଁ ବାରମ୍ବାର ମିଥ୍ୟା ପ୍ରତିଶ୍ରୁତି ପ୍ରଦାନ କରାଯାଇଥିଲା। ଫଳରେ ଅନୋନ୍ୟପାୟ ହୋଇ ଚାଷୀ ବସ୍ତା ବସ୍ତା ଧାନ ଆଣି ଜିଲ୍ଲାପାଳ ଅଫିସରେ ଗଦା କରି ଧାରଣାରେ ବସିଥିଲେ। ଏହାରି ଭିତରେ ଚାଷୀଙ୍କ ଅନୁପସ୍ଥିତିରେ ଜିଲ୍ଲାପାଳ ଅଫିସରୁ ଚାଷୀଙ୍କ ଧାନ ଚୋରି ହୋଇଥିଲା। ଏବିଷୟରେ ସେଠାରେ ଥିବା ପୁଲିସ କିଛି ଜାଣି ନଥିବା କହିଥିଲେ। ପରେ ଚାଷୀ ନିଜ ଧାନ ଜଗି ରହିବାରୁ ପୁଲିସ ଧାନବସ୍ତା ଫୋପାଡ଼ିବା ସହ ଜୋର୍ ଜବରଦସ୍ତି ଚାଷୀଙ୍କୁ ଉଠାଇ ନେଇଥିଲା। ଲୋକଙ୍କ ଡବଲ ଇଞ୍ଜିନ ସରକାରରେ ଅନ୍ନଦାତା ଚାଷୀଙ୍କୁ ଏପ୍ରକାର ବ୍ୟବହାରକୁ ବିଜେଡି ଦୃଢ଼ ପ୍ରତିବାଦ ଜଣାଇ ଚାଷୀଙ୍କ ସମସ୍ୟା ଓ ଆନ୍ଦୋଳନରତ ଚାଷୀଙ୍କୁ ସମର୍ଥନ ଦେବା ପାଇଁ ଜିଲ୍ଲାପାଳଙ୍କୁ ଭେଟିବାକୁ ବରଗଡ଼ ଜିଲ୍ଲା ବିଜେଡି ସଭାପତି ସୁଶାନ୍ତ ମହାପାତ୍ର, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ମନ୍ତ୍ରୀ ରୀତା ସାହୁ, ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ବରିଷ୍ଠ ବିଜେଡି ନେତା ଗୌରହରି ମିଶ୍ର, ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ପୌର ଅଧ୍ୟକ୍ଷା କଳ୍ପନା ମାଝୀ ବରଗଡ଼ ଟାଉନ ବିଜେଡି ସଭାପତି ଅନୁପ ଶତପଥୀ, ଯୁବ ନେତା କରନ ସିକନ୍ଦର, ଭେଡେନ ବ୍ଲକ୍ ସଭାପତି ହରିଶଙ୍କର ବେହେରା, ଜିଲ୍ଲା ବିଜେଡି ଉପସଭାପତି କିଶୋର ମିଶ୍ର ଯୁବ ସମ୍ପାଦକ ତନ୍ଦନ ଗୁପ୍ତା, ଉମା ଚରଣରାଉତ, ସତ୍ୟ ପଣ୍ଡା, ସମୀର ବାରିକ, ମଧୁ ସାହୁ, କାଉନସିଲର କବିତା ବେହେରା, ସୁବାସ ହୋତା, ସୁବ୍ରତ ବେହେରାଙ୍କ ସମେତ ଶତାଧିକ ବିଜେଡି ନେତୃ ମଣ୍ଡଳୀ ଜିଲ୍ଲାପାଳ କାର୍ଯ୍ୟାଳୟ ପହଞ୍ଚିଥିଲେ। ତେବେ ଜିଲ୍ଲାପାଳ ଅନୁପସ୍ଥିତ ରହି ଅଫିସ ଆଗରେ ତାଲା ପକାଇ ପୁଲିସ ଜଗିରହିଥିଲେ। ବିଜେଡି ନେତୃ ମଣ୍ଡଳୀ ଚାଷୀଙ୍କୁ ଭେଟିବାକୁ ଯିବା ପାଇଁ ବାଟ ଛାଡ଼ି ନଥିଲେ। ତେଣୁ ବିଜେଡି ନେତୃ ମଣ୍ଡଳୀ ଓ ପୁଲିସ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରେ ଡେପୁଟି କଲେକ୍ଟର ଉତ୍ତମ ବାଗ ପହଞ୍ଚିବା ପରେ ବିଜେଡି ନେତୃ ମଣ୍ଡଳୀ ଧାରଣାରତ ଚାଷୀଙ୍କୁ ଭେଟି ସମର୍ଥନ ଜଣାଇଥିଲେ। ଏବେ ବି ବିଭିନ୍ନ ମଣ୍ଡିରେ ହଜାର ହଜାର ବସ୍ତା ଧାନ ବିକ୍ରି ନ ହୋଇ ପଡିରହିଥିବା ବେଳେ ସ୍ଥାନୀୟ ବିଧାୟକ ବୃନ୍ଦ ଓ ରାଜ୍ୟ ସରକାର ଚାଷୀଙ୍କ ଧାନ ସୁରୁଖୁରୁରେ କିଣା ଯାଇଛି ବୋଲି ମିଥ୍ୟା କହିବା ଘଟଣାକୁ ବିଜେଡି ତୀବ୍ର ସମାଲୋଚନା କରିଥିଲା। ଡାଲୁଅ ଧାନ କିଣା ପଞ୍ଜୀକରଣ ପାଇଁ ମାତ୍ର ୧୦ ଦିନ ସମୟ ଦିଆ ଯାଇଥିବାରୁ ବର୍ଷା ଋତୁ ଫସଲର ଧାନ ବର୍ତ୍ତମାନ ପର୍ଯ୍ୟନ୍ତ ଚାଷୀ ବିକ୍ରୟ କରି ପାରି ନ ଥିବା ବେଳେ ମାତ୍ର ୧୦ ଦିନରେ କିପରି ଚାଷୀ ପଞ୍ଜୀକରଣ କରି ଧାନ ବିକିବେ ବୋଲି ଉଲ୍ଲେଖ କରି ତୁରନ୍ତ ଧାନ ବିକ୍ରି ପଞ୍ଜୀକରଣ ପ୍ରକ୍ରିୟା ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବୃଦ୍ଧି ପାଇଁ ଦାବି କରିଛି। ବରଗଡ଼ରେ ଆଇନ ଶୃଙ୍ଖଳା ପରିସ୍ଥିତି ଜଟିଳ ହୋଇଥିବା ବେଳେ ଦିନକୁ ଦିନ ଅପରାଧ ବଢ଼ି ଚାଲିଥିବା ବେଳେ ତାକୁ ନିୟନ୍ତ୍ରଣ କରିବାରେ ବରଗଡ଼ ଜିଲ୍ଲା ପ୍ରଶାସନ ଓ ପୁଲିସ ବିଫଳ ହୋଇ ଥିବା ବେଳେ ନିଜର ହକ ପାଇଁ ଲଢ଼େଇ କରୁଥିବା ଚାଷୀଙ୍କୁ ଦମନ କରିବା ପାଇଁ ଜିଲ୍ଲା ପ୍ରଶାସନ ଓ ବରଗଡ଼ ପୁଲିସର ପାରିବା ପଣିଆକୁ ବିଜେଡି ପକ୍ଷରୁ କଡା ସମାଲୋଚନା କରାଯାଇଛି। ଆଗାମୀ ଦିନରେ ଯଦି ସରକାର ଚାଷୀ ମାନଙ୍କ ସମସ୍ୟା ସମାଧାନ ନ କରନ୍ତି ତାହେଲେ ବିଜେଡି ଆନ୍ଦୋଳନକୁ ଆହୁରି ତୀବ୍ର କରିବ ବୋଲି ଚେତାବନୀ ପ୍ରଦାନ କରିଛି।

## ନାବାର୍ଡ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ



**ଗାଇସିଲେଟ,୧୦।୩(ସମିସ):** ଗାଇସିଲେଟ ବ୍ଲକ୍ ଅଧୀନ କନ୍ଦାଗାଡ କଲ୍ୟାଣ ମଣ୍ଡପ ଠାରେ ନାବାର୍ଡ ଦ୍ୱାରା ଦେବଦତ୍ତ କ୍ଲବ୍ ମାଧ୍ୟମରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମରେ କନ୍ଦାଗାଡ ସମିତି ସଭ୍ୟା ସରୋଜିନୀ ପଧାନ ସଭାପତିତ୍ୱ କରିଥିଲେ। ନାବାର୍ଡ ବରଗଡ଼ର ଜିଲ୍ଲା ବିକାଶ ପ୍ରବନ୍ଧକ ହଟ କିଶୋର ବେହେରାଙ୍କ ଉପସ୍ଥିତିରେ ପଞ୍ଚାୟତ ସମିତି ମହାବିଦ୍ୟାଳୟ ଗାଇସିଲେଟର ଓଡ଼ିଆ ଅଧ୍ୟାପିକା ସଂଘମିତ୍ରା ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଓଡ଼ିଶା ଜୀବିକା ମିଶନ ଗାଇସିଲେଟ ବ୍ଲକ୍ ସଂଯୋଜିକା ରୋହିଣୀ ବରିହା, କନ୍ଦାଗାଡ ଏମବିକେ ଦୀପିକା ସାହୁ ଓ ଦେବଦତ୍ତ କ୍ଲବ୍ କୋଷାଧକ୍ଷ ସ୍ନେହଲତା ବାରିକ ଯୋଗ ଦେଇଥିଲେ। ପ୍ରକଳ୍ପ ସଂଯୋଜକ ଶେଷଦେବ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗୀତ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ପାଇଥିବା ଉମା ସିଂ, ଦ୍ୱିତୀୟ ସ୍ଥାନରେ ବିମଳା ବାଗ ଏବଂ ତୃତୀୟ ସ୍ଥାନ ପାଇଁ ପ୍ରଭାସିନୀ ବାରିକ; ହୁଳହୁଳି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ପ୍ରଭାସିନୀ ବାରିକ, ଦ୍ୱିତୀୟ ସ୍ଥାନ ପାଇଁ ହେମ ଡନସନା, ତୃତୀୟ ସ୍ଥାନରେ ଅମ୍ବିକା ବରିହା ଏବଂ ସଂଗୀତ ଚୌକି ଖେଳରେ ପ୍ରଥମ ସ୍ଥାନ ରେଣୁକା ଭୋଇ, ଦ୍ୱିତୀୟ ସ୍ଥାନ ବିମଳା ବାଗ ଓ ତୃତୀୟ ସ୍ଥାନ ପାଇଁ ଅଶ୍ୱିନୀ ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ଏହା ସହ ଭଲ ଉଦ୍ୟୋଗୀ ଭାବେ ମାଁ ଦୁର୍ଗା ସ୍ୱୟଂ ସହାୟକ ଗୋଷ୍ଠୀ ସାନ ସାହାଜବାହାଲ, ଭଲ ମହିଳା ମାଣ୍ଡିଆ ଚାଷୀ ସୁମିତ୍ରା ବରିହା, ଭଲ ମହିଳା ଗାୟିକା ଶୋଭାଗିନୀ ସାହୁ, ଭଲ ମାଛ ଚାଷୀ ଗୟେଲ ବିନ୍ଧେନ ସ୍ୱୟଂ ସହାୟିକା ଗୋଷ୍ଠୀ ଓ ପୁରୁଣା ଗୀତ କଳାକାର ହିସାବରେ ବେଟିଖାଇ ବରିହାଙ୍କୁ ସମ୍ମାନିତ କରାଯାଇଥିଲା। ବୀରେନ୍ଦ୍ର ବାରିକ, ରୋହିତ ବେହେରା, ଥବିର ସାହୁ, ଲାଦୁ ବାଗ, ବୀଣାପାଣି ସାହୁ, ବିଘ୍ନରାଜ ବନଛୋର, ମନ ଡନସନା, ଭଜମନ ଗଡତିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ କପିଳେଶ୍ୱର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସମାଜସେବୀ ଭୀମସେନ ସାହୁ ପରଲୋକ

**ପାଇକମାଳ,୧୦।୩(ସମିସ):** ପାଇକମାଳ ବ୍ଲକ୍ ଛିନ୍ଦେଇକେଲାର ବିଶିଷ୍ଟ ସମାଜସେବୀ ତଥା ବ୍ୟବସାୟୀ



ଭୀମସେନ ସାହୁ (୯୩)ଙ୍କ ପରଲୋକ ହୋଇଛି। ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା ଯୋଗୁ ସେ ଚିକିତ୍ସିତ ହେଉଥିଲେ। ସେ ଗାଁ ମନ୍ଦିର କମିଟିର, ତୈଳିଶ ବୈଶ୍ୟ ସମାଜର ସଭାପତି ଭାବେ କାମ କରିଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବଡ ପୁଅ ସନ୍ତୋଷ ସାହୁ ମୁଖାଗ୍ନି ଦେଇଥିଲେ।

### କାର୍ଯ୍ୟକ୍ଷମ ହେଉନି ବସୁଧା ଯୋଜନା

## ଶୀଘ୍ର ପାନୀୟଜଳ ଯୋଗାଣ ପାଇଁ ଗ୍ରାମବାସୀଙ୍କ ଦାବି

**ଝାରବନ୍ଧ,୧୦।୩(ସମିସ):** ଝାରବନ୍ଧ ବ୍ଲକ୍ ଅଧୀନ ଚଣ୍ଡିଭାଟ ପଞ୍ଚାୟତର ଆଡପାଣି ଗାଁରେ ପିଇବା ପାଣି ସମସ୍ୟା ଦିନକୁ ଦିନ ଗୁରୁତର ରୂପ ନେଉଛି। ସରକାରଙ୍କ ବସୁଧା ଯୋଜନା ଅନୁସାରେ ଘରେ ଘରେ ପିଇବା ପାଣି ପହଞ୍ଚାଇବା ଉଦ୍ଦେଶ୍ୟରେ ପ୍ରାୟ ତିନି ବର୍ଷ ପୂର୍ବରୁ ଗାଁରେ ଏକ ପାଣି ଟାଙ୍କି ନିର୍ମାଣ କରାଯାଇଥିଲା। କିନ୍ତୁ ଦୀର୍ଘ ସମୟ ବିତିଯାଇଥିଲେ ମଧ୍ୟ ଏହା କାର୍ଯ୍ୟକ୍ଷମ ହୋଇନଥିବାରୁ ଗ୍ରାମବାସୀ ବୁନ୍ଦାଏ ପାଣି ମଧ୍ୟ ପାଇପାରୁ ନାହାନ୍ତି। ଯୋଜନା ଅଧୀନ ଘର ଘରକୁ ପାଇପ୍ ଲାଇନ୍ ବିଛାଯାଇଥିଲେ ମଧ୍ୟ ଅନେକ ସ୍ଥାନରେ ଟ୍ୟାପ୍ ବ୍ୟବସ୍ଥା କରାଯାଇ ନଥିବାରୁ ପାଣି ଯୋଗାଣ ପ୍ରକ୍ରିୟା ଅପୂର୍ଣ୍ଣ ଅବସ୍ଥାରେ ରହିଛି। ଫଳରେ ଗ୍ରାମବାସୀ ଯୋଜନାର ସୁବିଧାରୁ ବଞ୍ଚିତ ହେଉଛନ୍ତି। ଅନ୍ୟପଟେ ଗ୍ରୀଷ୍ମ ଋତୁ ଆସିଲେ ଗାଁରେ ପାଣି ସମସ୍ୟା ଆହୁରି ଗଭୀର ହୋଇଯାଏ। ବିଶେଷକରି ଏପ୍ରିଲ, ମେ ଓ ଜୁନ ମାସରେ ଅଧିକାଂଶ ନଳକୂପରେ ପାଣି କମିଯାଏ। ପୋଖରୀମାନଙ୍କରେ ମଧ୍ୟ ପାଣି ଅଭାବ ଦେଖାଯାଇଥିବାରୁ ଗ୍ରାମବାସୀମାନେ ଦୈନନ୍ଦିନ କାମ ଓ ଗାଧୋଇବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରକାର କୋଟି କୋଟି ଟଙ୍କା ବ୍ୟୟ କରି ପାଣି ଯୋଗାଣ ଯୋଜନା ଆରମ୍ଭ କରିଥିଲେ ମଧ୍ୟ ଆଡପାଣି ଗାଁରେ ଏହା କାର୍ଯ୍ୟକ୍ଷମ ନହେବାକୁ ନେଇ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ତେଣୁ ଶୀଘ୍ର ବସୁଧା ଯୋଜନାକୁ ସଚଳ କରି ଘର ଘରକୁ ପିଇବା ପାଣି ଯୋଗାଇବାକୁ ପ୍ରଶାସନକୁ ଗ୍ରାମବାସୀ ଦାବି କରିଛନ୍ତି।



## ନିଶା ବେପାରୀଙ୍କ ଆଡ୍ଡାରେ ଚାଲିଲା ବୁଲଡୋଜର

**ବରଗଡ଼,୧୦।୩(ସମିସ):** ବରଗଡ଼ ଉମା ଟକିଜ ପାଖ ରାସ୍ତା ଦୋରା ବନ୍ଧରାସ୍ତାରେ ନିଶା ବେପାରୀଙ୍କ ଆଡ୍ଡା ଉପରେ ପ୍ରଶାସନର ବୁଲଡୋଜର୍ ଚଲାଇଛି। ମଙ୍ଗଳବାର ବରଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଓ ପୁଲିସ ବିଭାଗ ପକ୍ଷରୁ ଏସପି ପ୍ରହ୍ଲାଦ ସହାୟ ମୀନାଙ୍କ ନିର୍ଦ୍ଦେଶ କ୍ରମେ ବେଆଇନ ଘର ସବୁକୁ ବୁଲଡୋଜର ଲଗାଇ ଉଚ୍ଛେଦ କରାଯାଇଛି। ଏହି ଜାଗା ଗୁଡିକରେ ବାରମ୍ବାର ପୁଲିସ ପୂର୍ବରୁ ଚଢ଼ାଉ କରି ନିଶା କାରବାର କରୁଥିବା ବ୍ୟକ୍ତିଙ୍କୁ ଗିରଫ କରିଥିଲା।



ହେଲେ ସେମାନେ ଜାମିନରେ ଆସି ପୁଣି ସେହି ଜାଗାରେ ନିଶା ବେପାର କରୁଥିଲେ। ଆଜି ବୁଲଡୋଜର ଚଳାଯାଇ ସବୁକୁ ଭାଙ୍ଗି ଧ୍ୱଂସ କରି ଦିଆଯାଇଛି। ବରଗଡ଼ ସହରରେ ଦିନକୁ ଦିନ ନିଶାକାରବାର ବୃଦ୍ଧି ପାଉଥିବା ବେଳେ ନିଶା ଆଡ୍ଡାସ୍ଥଳୀ ଉପରେ ପ୍ରଶାସନ ବୁଲଡୋଜର ଚଲାଇବାକୁ ଜନ ସାଧାରଣରେ ପ୍ରଶଂସା କରିଛନ୍ତି। ବରଗଡ଼ ରାଜସ୍ୱ ନୀରିକ୍ଷକ ଅଧିକାରୀ ସଞ୍ଜୀବ ମିଶ୍ର, ପୌର ପରିଷଦ ନିର୍ବାହୀ ଅଧିକାରୀ ଦେବାନନ ସାହୁ, ପୌର ପରିଷଦ ଲାଇସେନ୍ସ ଇନେସ୍ପେକ୍ଟର ଚିତ୍ତ ମହାପାତ୍ର, ଟାଉନ୍ ଥାନା ଅଧିକାରୀ ଚିତ୍ତରଞ୍ଜନ ମେହେରଙ୍କ ସମେତ ପ୍ରଶାସନର ଅଧିକାରୀ ଉପସ୍ଥିତ ଥିଲେ। ପୂର୍ବରୁ ଭଟଲି ଛକ, ଆଜି ଦୋରା ବନ୍ଧରାସ୍ତାରେ ଥିବା ଏକ ଘରେ ନିଶା ସାମଗ୍ରୀ ବିକ୍ରି ହେଉଥିବା ଅଭିଯୋଗ ପାଇବାପରେ ପ୍ରଶାସନ ତରଫରୁ ପଦକ୍ଷେପ ନିଆଯାଇଛି।

## ହସ୍ପିଟାଲ ସାମ୍ନାରେ ମହିଳାଙ୍କ ବେକରୁ ସୁନା ଚେନ ଲୁଟ୍

**ପଦ୍ମପୁର,୧୦।୩(ସମିସ):** ପଦ୍ମପୁର ଉପଖଣ୍ଡ ହସ୍ପିଟାଲ ସାମ୍ନାରେ ଦିନ ଦ୍ୱିପ୍ରହରରେ ଏକ ଚେନ୍ ଲୁଟ ଘଟଣା ଘଟିଥିବାରୁ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ବିମଲ ସାହୁ ତାଙ୍କ ପତ୍ନୀଙ୍କ ସହ ନାମଯଜ୍ଞ ଅବସରରେ ନୂତନ ବସ୍ତ୍ର କ୍ରୟ ପାଇଁ ପଦ୍ମପୁର ହସ୍ପିଟାଲ ସାମ୍ନାରେ ଥିବା ଏକ କପଡା ଦୋକାନକୁ ଆସିଥିଲେ। ଏହି ସମୟରେ ଦୁଇଜଣ ଅଜଣା ଦୁର୍ବୃତ୍ତ ମୁହଁରେ କପଡା ବାନ୍ଧି ହଠାତ୍ ବିମଲଙ୍କ ପତ୍ନୀଙ୍କ ବେକରୁ ସୁନାଚେନ ଲୁଟିନେଇ ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ହଠାତ୍ ଆକ୍ରମଣରେ ସେ ତଳକୁ ପଡି ଆଘାତ ପାଇଥିବାରୁ ତାଙ୍କ ଶରୀରରେ ଖଣ୍ଡିଆ-ଖାବରା ଲାଗିଥିବା ଜଣାପଡିଛି। ଘଟଣାର ଖବର ପାଇ ପୁଲିସ ଘଟଣାସ୍ଥଳକୁ ପହଞ୍ଚି ତଦନ୍ତ ଆରମ୍ଭ କରିଛି ଏବଂ ଦୁର୍ବୃତ୍ତମାନଙ୍କୁ ଧରିବା ପାଇଁ ତଦନ୍ତ ଜାରୀ ରହିଛି।

## ଜ୍ଞାନ ଭାରତୀ ଗୁରୁକୁଳର ବାର୍ଷିକ ଉତ୍ସବ

**ଝାରବନ୍ଧ,୧୦।୩(ସମିସ):** ଝାରବନ୍ଧ ବ୍ଲକ୍ ଜଗଦଳପୁର ସ୍ଥିତ ଜ୍ଞାନ ଭାରତୀ ଗୁରୁକୁଳ ଠାରେ ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ହିନ୍ଦୁ ଜାଗରଣ ମଞ୍ଚ ପ୍ରାନ୍ତ ସଦସ୍ୟ ପ୍ରଦୀପ ପଟ୍ଟନାୟକ, ମୁଖ୍ୟ ବକ୍ତା ଭାବେ ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ସିଣ୍ଡିକେଟ ସଦସ୍ୟ ଡ.ବାଞ୍ଛାନିଧି ପଣ୍ଡା, ସମ୍ମାନିତ ଅତିଥି ଭାବେ ବଜରଙ୍ଗ ଦଳ ଆବାହକ ସୁରେଶ ରାମଚନ୍ଦାନି, ଅବସର ଶିକ୍ଷକ ରାଜକିଶୋର ପଟେଲ, ବିଶେଶ୍ୱର ପଟେଲ, ସମାଜସେବୀ ଗୁଣମଣୀ ପଟେଲ ଯୋଗ ଦେଇଥିଲେ। ଜ୍ଞାନ ଭାରତୀ ଗୁରୁକୁଳ ସଭାପତି ହେମସାଗର ପଟେଲ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ଅଧ୍ୟାପକ ଦିବ୍ୟ କିଶୋର ପଣ୍ଡା ଅତିଥି ପରିଚୟ ଏବଂ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାହୋଇଥିଲା। ଜ୍ଞାନ ଭାରତୀ ଗୁରୁକୁଳ ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରା ହୋଇଥିଲା। ପୂଜା ରାଉତିଆ ଗୁରୁମାଙ୍କ ନିର୍ଦ୍ଦେଶିତ ଦ୍ରୌପଦୀ ନାଟକ ମଞ୍ଚସ୍ଥ କରାହୋଇଥିଲା। ଶେଷରେ ଗୁରୁକୁଳର ପ୍ରଧାନ ଶିକ୍ଷକ ସାଧୁ ଚରଣ ବରିହା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଭାରତୀ ସରାଫ, ରଶ୍ମିତା ଦାଶ, ଯାଜ୍ଞସେନୀ ବେରିହା, ମନୋହର ସାହୁ, ଦୀପାଞ୍ଜଳି ଲୁହାର, ଯଶୋଦା ବାଗ, ଅନୁପମା ପ୍ରଧାନ, କ୍ରିଷ୍ଣ ପଟେଲ, ରୁକୁଣି ପୋଡ, ଅମୁଲ୍ୟ ପଟେଲ, ତରଣୀସେନ ମହାପାତ୍ର, କୌଶଳ ପ୍ରଧାନ ଏବଂ ସମସ୍ତ ଅଭିଭାବକ ପ୍ରମୁଖ ସହଯୋଗ କରିଥିଲେ।



## ଭଣ୍ଡାରପୁରୀ ହାଇସ୍କୁଲରେ ଆନ୍ତଃ ବିଦ୍ୟାଳୟ କ୍ରିକେଟ ପ୍ରତିଯୋଗିତା



**ଝାରବନ୍ଧ,୧୦।୩(ସମିସ):** ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକ୍ ଅଧୀନ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଭଣ୍ଡାରପୁରୀ ଠାରେ ଆନ୍ତଃ ବିଦ୍ୟାଳୟ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏହି ପ୍ରତିଯୋଗିତାରେ ଉଭୟ ବାଳକ ଓ ବାଳିକା ବିଭାଗର ମ୍ୟାଚ୍‌ଗୁଡିକ ଆୟୋଜିତ ହୋଇଥିଲା।

- ବାଳିକା ବିଭାଗରେ ଅମଠି ଲେଡି ଲାୟନ୍ସ ଚାମ୍ପିଅନ
- ବାଳକ ବିଭାଗରେ ଭଣ୍ଡାରପୁରୀ ଦଳ ବିଜୟୀ

ବାଳିକା ବିଭାଗରେ ଖେଳାଯାଇଥିବା ମ୍ୟାଚ୍‌ରେ ଅମଠି ଲେଡି ଲାୟନ୍ସ କ୍ରିକେଟ ଦଳ ଭଣ୍ଡାରପୁରୀ ଲେଡି ଟାଇଟନ୍ସ ଦଳକୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ଶିକ୍ଷକ ତଥା କ୍ରିକେଟ ଖେଳାଳି ଜନକରାମ ସିଦାର ବିଜୟୀ ଦଳର ଅଧିନାୟିକା ଗାୟତ୍ରୀ ବନଛୋରଙ୍କୁ ବିଜୟୀ ଟ୍ରଫି ପ୍ରଦାନ କରିଥିଲେ। ଅମଠି ଲେଡି ଲାୟନ୍ସ ଦଳର ଦୁର୍ଗେ ବାଗ ତାଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ ବଳରେ ଏହି ମ୍ୟାଚ୍‌ର ପ୍ଲେୟାର ଅଫ ଦି ମ୍ୟାଚ୍ ପୁରସ୍କାର ହାସଲ କରିଥିଲେ। ଏହିଭଳି ବାଳକ ବିଭାଗରେ ଅନୁଷ୍ଠିତ ପ୍ରତିଯୋଗିତାରେ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଭଣ୍ଡାରପୁରୀ ଦଳ ଚାମ୍ପିଅନ ହୋଇଥିବା ବେଳେ ଦେୱାନପାଲି ଉଚ୍ଚ ବିଦ୍ୟାଳୟ ଦଳ ରନର୍ସ ଅପ ହୋଇଥିଲେ। ପ୍ରତିଯୋଗିତାରେ ତୀର୍ଥବନ୍ଧୁ ରାଉତ, ହେମନ୍ତ ନେଗୀ ଓ ନକୁଳ ନାୟକ ଅମ୍ପାୟାର ଭାବେ ଦାୟିତ୍ୱ ତୁଲାଇଥିଲେ। ଅତିଥି ଭାବେ ବୈତାଲି କ୍ଲଷ୍ଟର ସିଆରସିସି ତଥା ଅମଠି ଲେଡି ଲାୟନ୍ସ କ୍ରିକେଟ ଦଳର ପ୍ରଶିକ୍ଷକ ଦିବସ ସାହୁ, ଶିକ୍ଷକ ଜନକରାମ ସିଦାର ଓ ଡୋଳାମଣି ମେହେର ଯୋଗଦାନ କରିଥିଲେ। ସମସ୍ତ ଖେଳାଳିଙ୍କ ପାଇଁ ବିଦ୍ୟାଳୟ ପକ୍ଷରୁ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା କରାଯାଇଥିଲା। ମ୍ୟାଚ୍‌ର ପ୍ରତ୍ୟକ୍ଷ ଧାରାବିବରଣୀ ଶିକ୍ଷକ ସୁଧୀର ସାହୁ ପ୍ରଦାନ କରୁଥିଲେ।

# ଲାଲ୍ ଯୋଗେନ୍ଦ୍ରନାଥ ସିଂ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ

**ମେଲଛାମୁଣ୍ଡା,୧୦।୩(ସମିସ)**



**ଗ୍ରୁପ୍ ବି'ରୁ ଫାଇନାଲରେ ଅମ୍ବାମୁଣ୍ଡା ବଲାଙ୍ଗିର**

ଘେଁସ ହାଇସ୍କୁଲ ପଡିଆଠାରେ ଚାଲିଥିବା ପ୍ରତିଷ୍ଠିତ ଲାଲ୍ ଯୋଗେନ୍ଦ୍ରନାଥ ସିଂ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ଗ୍ରୁପ୍ ବି'ରୁ ଅମ୍ବାମୁଣ୍ଡା (ବଲାଙ୍ଗିର) ଦଳ ଉନ୍ନତ ଖେଳ ପ୍ରଦର୍ଶନ କରି ଫାଇନାଲକୁ ପ୍ରବେଶ କରିଛି। ଟୁର୍ଣ୍ଣାମେଣ୍ଟର ଆଜିର ଦ୍ୱିତୀୟ ଦିବସରେ ଘେଁସ ବିଦ୍ୟୁତ ବିଭାଗୀୟ ଏସ୍‌ଡିଓ ସନ୍ଦୀପ ପଟ୍ଟନାୟକ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଶାଖାର ବ୍ରାଞ୍ଚ ମ୍ୟାନେଜର ମନୋରଞ୍ଜନ ଆଚାର୍ଯ୍ୟ, ଜମିଦାର ରଣଜିତ ସିଂ ବରିହା, ସ୍ପେକ୍ଟ୍ରମ୍ ଏଜୁକେସନ ଇନଷ୍ଟିଚ୍ୟୁଟ୍‌ର ଚେୟାରମ୍ୟାନ ସୁଜିତ ଠାକୁର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ସ୍ୱର୍ଗତ ଲାଲ୍ ଯୋଗେନ୍ଦ୍ରନାଥ ସିଂ ବରିହାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଆଜିର ଗ୍ରୁପ୍ ବି'ର ପ୍ରଥମ ମ୍ୟାଚ୍‌ଟି ବରଗଡ଼ ଡ୍ରିମ୍ ଇଲେଭେନ ଓ ଅମ୍ବାମୁଣ୍ଡା (ବଲାଙ୍ଗିର) ମଧ୍ୟରେ ହୋଇଥିଲା। ୧-୦ ଗୋଲରେ ଅମ୍ବାମୁଣ୍ଡା ବଲାଙ୍ଗିର ଦଳ ବିଜୟୀ ହୋଇ ସେମିଫାଇନାଲକୁ ପ୍ରବେଶ କରିଥିଲା। ଠିକ୍ ସେହିପରି ଦ୍ୱିତୀୟ ମ୍ୟାଚ୍‌ଟି ଲାଲଯୋଗେନ୍ଦ୍ରନାଥ ସିଂ ଆଥଲେଟିକ ଆସୋସିଏସନ ଘେଁସ ଓ ମୁଣ୍ଡା ଏଫ୍‌ସି ସମ୍ବଲପୁର ଦଳ ମଧ୍ୟରେ ହୋଇଥିଲା। ଟ୍ରାଇବ୍ରେକର ଜରିଆରେ ମୁଣ୍ଡା ଏଫ୍‌ସି ସମ୍ବଲପୁର ଦଳ ୩-୧ ଗୋଲରେ ବିଜୟୀ ହୋଇ ସେମିଫାଇନାଲକୁ ପ୍ରବେଶ କରିଥିଲେ। ପରେ ଉଭୟ ବିଜୟୀ ଦଳ ଅମ୍ବାମୁଣ୍ଡା (ବଲାଙ୍ଗିର) ଓ ମୁଣ୍ଡା ଏଫ୍‌ସି ସମ୍ବଲପୁର ମଧ୍ୟରେ ସେମିଫାଇନାଲ ମ୍ୟାଚ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ଭିତରେ କେହି କାହାରିକୁ ଗୋଲ ଦେଇ ପାରିନଥିଲେ। ତେବେ ଟ୍ରାଇବ୍ରେକରର ସହାୟତାରେ ଅମ୍ବାମୁଣ୍ଡା (ବଲାଙ୍ଗିର) ଦଳ ୫-୪ ଗୋଲରେ ମୁଣ୍ଡା ଏଫ୍‌ସି ସମ୍ବଲପୁରକୁ ହରାଇ ଗ୍ରୁପ୍ ବି'ରୁ ଫାଇନାଲକୁ ପ୍ରବେଶ କରିଛନ୍ତି। ସନ୍ତୋଷ ପ୍ରଧାନ, ସୁନୀଲ ବାଗ, ଗୋପାଳ ପ୍ରଧାନ ଓ ରାଜେନ୍ଦ୍ର ଭୋଇ ଆଜିର ମ୍ୟାଚ୍ ଗୁଡିକ ପରିଚାଳନା କରିଥିଲେ। ସୁନୀଲ ରାଉତ ମ୍ୟାଚ୍ କମେଣ୍ଟ୍ରି କରିଥିଲେ। ଏଥିସହ ଆଥଲେଟିକ ଆସୋସିଏସନର ସଦସ୍ୟ ଅମୀୟ ପଟେଲ, ଚୈତନ୍ୟ ବାଗ, ସୁଦୀପ ସାହୁ, ଅକ୍ଷୟ ସାହୁ, ରଞ୍ଜନ ବରିହା, ରୁବୁନ ଦାସ, ନିରଞ୍ଜନ ଖର୍ସେଲ, ଅମୃତ ପଟେଲ, ଅନୀଲ ମହାପାତ୍ର, ପ୍ରକାଶ ତ୍ରିପାଠୀ, ଚିନ୍ମୟ ବରିହା, ଈଶ୍ୱର ବରିହା, ନାରାୟଣ ଗିଙ୍ଗିରା, ଡବୁଲୁ ସାହୁ, ଦେବଦତ୍ତ ବରିହା, ପ୍ରମୋଦ ସାହୁଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ। ବୁଧବାର ସିମନ୍ ଷ୍ଟାର୍ ଓ ଅମ୍ବାମୁଣ୍ଡା (ବଲାଙ୍ଗିର) ଦଳ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହେବ। ଏହାସହିତ ଦୁଇଗୋଟି ଭେଟେରାନ୍ ଫୁଟବଲ ଦଳକୁ ନେଇ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଟୁର୍ଣ୍ଣାମେଣ୍ଟ ଆୟୋଜକ କମିଟି ଠାରୁ ସୂଚନା ମିଳିଛି।

